UTI Mutual Fund
Haq, ek behtar zindagi ka.



10 YEARS

# ୟୁଟିଆଇ ସ୍ୱତନ୍ତ୍ର

**ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ**




## ଭ୍ରମଣକାରୀ ଓ ନିବେଶକମାନଙ୍କ ମଧ୍ୟରେ କେତେକ ସମାନତା ଅଛି ବୋଲି ଆପଣ ଜାଣନ୍ତି କି ?

| ଯୋଜନାକାରୀ | | ଉଦ୍ଦେଶ୍ୟହୀନ ଭ୍ରମଣକାରୀ | |
|---|---|---|---|
| ଭ୍ରମଣକାରୀ | ନିବେଶକ | ଭ୍ରମଣକାରୀ | ନିବେଶକ |
| ଟ୍ରିପ୍‌ର ବଜେଟରୁ ଆରମ୍ଭ କରି ଖାଦ୍ୟ, ରହଣି ତଥା ଜରୁରିକାଳୀନ ପରିସ୍ଥିତି ପର୍ଯ୍ୟନ୍ତ – ସବୁକିଛି ଯୋଜନାବଦ୍ଧ ଥାଏ। | ସଞ୍ଚୟ ହେଉ କି ନିବେଶ ବିକଳ୍ପ, କିମ୍ବା ପରିମାଣ କିମ୍ବା ମିଆଦ – ସବୁକିଛି ଯୋଜନାବଦ୍ଧ ଥାଏ। | ଆପଣ କେବେ ବି ନିଜ ଟ୍ରିପ୍ ପାଇଁ ଯୋଜନା କରନ୍ତି ନାହିଁ, ଆପଣ ନିଜର ବ୍ୟାଗ୍ ଉଠାନ୍ତି ଏବଂ ଯେବେ ଓ ଯେଉଁଠି କି ଇଚ୍ଛା ହୁଏ ଆପଣ ବୁଲିବାକୁ ବାହାରିପଡ଼ନ୍ତି। | ଆପଣ କେବେ ବି ନିଜ ନିବେଶ ପାଇଁ ଯୋଜନା ପ୍ରସ୍ତୁତ କରନ୍ତି ନାହିଁ, ଆପଣଙ୍କ ପାଖରେ କେବେ କେମିତି ବଳିପଡ଼ିଥିବା ଟଙ୍କାକୁ ଆପଣ ନିବେଶ କରନ୍ତି । |

| ରୋମାଞ୍ଚ ଅନ୍ୱେଷୀ | | ଅନୁସରଣକାରୀ | | ସତର୍କ ଆତ୍ମା | |
|---|---|---|---|---|---|
| ଭ୍ରମଣକାରୀ | ନିବେଶକ | ଭ୍ରମଣକାରୀ | ନିବେଶକ | ଭ୍ରମଣକାରୀ | ନିବେଶକ |
| ଆପଣ ନୂଆ ଓ ଭିନ୍ନ ଗନ୍ତବ୍ୟସ୍ଥଳୀ ସନ୍ଧାନରେ ଥାଆନ୍ତି, ରିସ୍କ ନେବାକୁ ଆପଣ ପଛଘୁଞ୍ଚା ଦିଅନ୍ତି ନାହିଁ। | ଆପଣଙ୍କର ବିବିଧକୃତ ନିବେଶ ପୋର୍ଟଫୋଲିଓ ଥାଏ, ରିସ୍କ ପ୍ରତି ଆପଣଙ୍କର ଡର ନ ଥାଏ । | ଆପଣ ନିଜର କିଛି ଯୋଜନା ନ ଥାଏ ଏବଂ ଆପଣଙ୍କ ସାଙ୍ଗମାନେ ଯାହା କରନ୍ତି ଆପଣ ତାହା କରନ୍ତି । | ଅନ୍ୟମାନଙ୍କ ଦ୍ୱାରା ପ୍ରେରିତ ହୋଇ ଆପଣ ନିଜର ନିବେଶ ନିଷ୍ପତ୍ତି ନେଇଥାନ୍ତି। | ଆପଣ ଲୋକପ୍ରିୟ ସହଜୀ ଗନ୍ତବ୍ୟସ୍ଥଳୀଗୁଡ଼ିକୁ ପସନ୍ଦ କରିଥାନ୍ତି। ଆପଣ ସୁରକ୍ଷିତ ଅନୁଭବ କରନ୍ତି। | ଉଚ୍ଚ–ରିସ୍କ ରହିଥିବା ନିବେଶରୁ ଆପଣ ଦୁଇ ହାତ ଦୂରରେ ରହିଥାନ୍ତି। |

## ଭ୍ରମଣକାରୀଙ୍କ ଭଳି, ଭିନ୍ନ ନିବେଶକଙ୍କ ଭିନ୍ନ ଲକ୍ଷ୍ୟ ଓ ଭିନ୍ନ ରିସ୍କ ନେବାର ସାମର୍ଥ୍ୟ ରହିଥାଏ। ଏବଂ ସେମାନଙ୍କ ନିବେଶର ମାର୍ଗ ମଧ୍ୟ ଭିନ୍ନ ହୋଇଥାଏ। ଉଦାହରଣସ୍ୱରୂପ:

| ଯୋଜନାକାରୀ | | ରୋମାଞ୍ଚ ଅନ୍ୱେଷୀ | | ସତର୍କ ଆତ୍ମା | |
|---|---|---|---|---|---|
| ନିବେଶ ମାର୍ଗ | କାରଣ | ନିବେଶ ମାର୍ଗ | କାରଣ | ନିବେଶ ମାର୍ଗ | କାରଣ |
| କ୍ଲାସିକ୍ '୧୦୦–ବୟସ' ନିବେଶ ଫର୍ମୁଲାକୁ ଅନୁସରଣ କରନ୍ତି। ଉଦାହରଣସ୍ୱରୂପ, ଯଦି ତାଙ୍କ ବୟସ ୪୦, ତେବେ ସେ ୬୦% ବିବିଧକୃତ ଇକ୍ୱିଟି ଫଣ୍ଡରେ ନିବେଶ କରନ୍ତି ଓ ବାକି ଡେବ୍ଟ ଓ ଲିକ୍ୱିଡ୍ ଫଣ୍ଡ ଭଳି ସୁରକ୍ଷିତ ମାର୍ଗରେ ନିବେଶ କରନ୍ତି। | ଜୀବନର ଠିକ୍ ସମୟରେ ବିଭିନ୍ନ ଲକ୍ଷ୍ୟକୁ ପୂରା କରିବା ପାଇଁ ଏକ ଦୀର୍ଘ–ମିଆଦୀ ମାର୍ଗ ସହିତ ନିବେଶ କରିଥାନ୍ତି। | ୧୦୦–ବୟସ ଫର୍ମୁଲାକୁ ନିଷ୍ଠାର ସହିତ ଅନୁସରଣ କରନ୍ତି ନାହିଁ। ଫର୍ମୁଲା ଦ୍ୱାରା ପ୍ରସ୍ତାବିତ ପରିମାଣ (୭୦%–୮୦%)ରୁ ଅଧିକ ନିବେଶକୁ ସେ ଇକ୍ୱିଟି ଫଣ୍ଡରେ ଆବଣ୍ଟିତ କରିଥାନ୍ତି। | ଧନ ସୃଜନ କରିବା ପାଇଁ ନିବେଶ କରନ୍ତି ଏବଂ ସେ ଉଚ୍ଚତର ରିସ୍କ ନେବା ପାଇଁ ପ୍ରସ୍ତୁତ ଥାଆନ୍ତି। | ଯେତେ ସମ୍ଭବ ରିସ୍କରୁ ଦୂରେଇ ରୁହନ୍ତି ଏବଂ ମୁଖ୍ୟତଃ ସ୍ଥିର ଆୟ ସିକ୍ୟୁରିଟିଜ୍‌ରେ ନିବେଶ କରନ୍ତି। | ସ୍ଥିର ରିଟର୍ନ ପାଇଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରନ୍ତି କିନ୍ତୁ ମୁଖ୍ୟ ଲକ୍ଷ୍ୟ ଥାଏ ମୂଳ ପୁଞ୍ଜିକୁ ସୁରକ୍ଷିତ ରଖିବା। |

**ଏହାପରେ କ'ଣ ?:** ଭ୍ରମଣ ଓ ନିବେଶରେ ଯେମିତି କେତେକ ସମାନତା ଅଛି, ସେହିଭଳି ଭ୍ରମଣକାରୀ ଓ ଟଙ୍କା ମଧ୍ୟରେ ବି ସମାନତା ରହିଛି ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ସ୍ୱତନ୍ତ୍ର କୁମାର ବୁଝାନ୍ତି:
### ନିଜ ନିବେଶକୁ "ଯାତ୍ରା ସୁଖପ୍ରଦ ଓ ସୁରକ୍ଷିତ ହେଉ" କହିବାର ସମୟ



- ଭ୍ରମଣ ବୀମା ☑
- ଫାର୍ଷ୍ଟ ଏଡ୍ ବକ୍ସ ☑
- ଅତିରିକ୍ତ ନଗଦ ☑
- ଟିକେଟ୍ ଓ ପରିଚୟ ପତ୍ର ☑

ଛୁଟିଦିନିଆ ଭ୍ରମଣରେ ନିଜ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଆପଣ ସମସ୍ତ ଆବଶ୍ୟକ ପଦକ୍ଷେପ ନେଇଥାନ୍ତି। ନିବେଶ ପାଇଁ ମଧ୍ୟ ଏହା ନ କରିବେ କାହିଁକି ? ଡେବ୍ଟ ମ୍ୟୁଚୁଆଲ ଫଣ୍ଡ କିପରି ସହାୟକ ହୋଇପାରିବ ଜାଣନ୍ତୁ।

**ଡେବ୍ଟ ମ୍ୟୁଚୁଆଲ ଫଣ୍ଡ କ'ଣ ?**

ଡେବ୍ଟ ଫଣ୍ଡଗୁଡ଼ିକ ହେଉଛି ଏପରି ମ୍ୟୁଚୁଆଲ ଫଣ୍ଡ ଯାହା ଟ୍ରେଜରି ବିଲ୍, କର୍ପୋରେଟ୍ ବଣ୍ଡ ଓ ମନି ମାର୍କେଟ୍ ଇନଷ୍ଟ୍ରୁମେଣ୍ଟ ଭଳି ସ୍ଥିର ଆୟ ସିକ୍ୟୁରିଟିରେ ନିବେଶ କରିଥାଏ।

**ଡେବ୍ଟ ମ୍ୟୁଚୁଆଲ ଫଣ୍ଡ କିପରି ସୁରକ୍ଷା ଜାଲି ହୋଇପାରିବ ?**

ଡେବ୍ଟ ଫଣ୍ଡ ଷ୍ଟକ୍ ମାର୍କେଟ୍‌ର ଅସ୍ଥିରତା ଦ୍ୱାରା ପ୍ରଭାବିତ ହୋଇ ନ ଥାଏ। ଏହି କାରଣରୁ ତାହା ଇକ୍ୱିଟି ଫଣ୍ଡ ତୁଳନାରେ କମ୍ ରିସ୍କପୂର୍ଣ୍ଣ ହୋଇଥାଏ। ତେଣୁ, ନିଜର ଟଙ୍କାର କିଛି ଅଂଶକୁ ଡେବ୍ଟ ଫଣ୍ଡରେ ନିବେଶ କରି ଆପଣ ନିଜ ମୂଳ ପୁଞ୍ଜିକୁ ସୁରକ୍ଷିତ ରଖିବା ସହ ନିବେଶ ପୋର୍ଟଫୋଲିଓରେ ସ୍ଥିରତା ଯୋଗ କରିପାରିବେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**

୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।
୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ ।
୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

**ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।**

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ
■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## ପାଠକୀୟ ମତ

ନିବେଶ କ୍ଷେତ୍ରରେ ମହିଳାଙ୍କ ତୁଳନାରେ ପୁରୁଷମାନେ ବେଶି ପାରଙ୍ଗମ। ଆପଣ ସମ୍ମତ କି ?

ହଁ | ନା

ନିଜ ଉତ୍ତର ଏସ୍‌ଏମ୍‌ଏସ୍ ମାଧ୍ୟମରେ ପଠାନ୍ତୁ।
Poll<SPACE>YES କିମ୍ବା
Poll<SPACE>NO ଟାଇପ୍ କରି 5676756କୁ ପଠାନ୍ତୁ
ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

## ଫଳାଫଳ

ପୂର୍ବବର୍ତ୍ତୀ ସଂସ୍କରଣରେ ଆମେ ଆପଣଙ୍କୁ ପଚାରିଥିଲୁ – ନୂଆ ଚାକିରିଆଙ୍କ ପ୍ରଥମ ନିବେଶ ତାଙ୍କ ପିତାମାତାଙ୍କ ଦ୍ୱାରା କରାଯିବା ଉଚିତ। ଆପଣ ଏକଥାରେ ସମ୍ମତ କି ?

ଆପଣଙ୍କ ମତାମତ ଏହିପରି ଥିଲା
ହଁ ୯୦% | ନା ୧୦%

# ଆପଣଙ୍କ ଟଙ୍କା ବି ଯେମିତି ଭ୍ରମଣ କରେ ତାହା ସୁନିଶ୍ଚିତ କରନ୍ତୁ



**ନିଜ ଟଙ୍କାକୁ ବଢ଼ିବାକୁ ଦେଲେ ସେ ବି ବହୁଦୂର ଯାଇପାରିବ। ସଅଳ ଆରମ୍ଭ କରିବା ଏବଂ ନିବେଶ ଜାରି ରଖିବା ହେଉଛି ଏହାର ସର୍ବୋତ୍ତମ ଉପାୟ।**



### ଆସେଟ୍ ଆଲୋକେଶନ୍ ମାଧ୍ୟମରେ ଆପଣଙ୍କ ଟଙ୍କା ଭ୍ରମଣ କରିପାରିବ

ଆସେଟ୍ ଆଲୋକେଶନ୍ ହେଉଛି ଟଙ୍କାକୁ ଇକ୍ୱିଟି କିମ୍ବା ଡେବ୍ଟ ଭଳି ବିଭିନ୍ନ ଆସେଟ୍‌ରେ ଯତ୍ନ ଓ ସତର୍କତା ସହିତ ବିତରିତ କରିବା। ନିଜ ଟଙ୍କାକୁ ବିଭିନ୍ନ ଆସେଟ୍ କ୍ଲାସ୍‌ରେ ଆଲୋକେଟ୍ କରି ଆପଣ ରିସ୍କର ବିବିଧକରଣ କରନ୍ତି ଏବଂ ଏହାଫଳରେ ଆପଣ ଟଙ୍କା ହରାଇବାର ସମ୍ଭାବନାକୁ ହ୍ରାସିତ କରିଥାନ୍ତି।

### ସିଷ୍ଟମାଟିକ୍ ଟ୍ରାନ୍ସଫର୍ ପ୍ଲାନ୍ (ଏସ୍‌ଟିପି) ମାଧ୍ୟମରେ ଆପଣଙ୍କ ଟଙ୍କା ଭ୍ରମଣ କରିପାରିବ

ସିଷ୍ଟମାଟିକ୍ ଟ୍ରାନ୍ସଫର୍ ପ୍ଲାନ୍ ମାଧ୍ୟମରେ ଆପଣଙ୍କ ଟଙ୍କା ସହଜରେ ଭ୍ରମଣ କରିପାରିବ। ଏସ୍‌ଟିପି ହେଉଛି ଗୋଟିଏ ମ୍ୟୁଚୁଆଲ ଫଣ୍ଡରୁ ଅନ୍ୟ ମ୍ୟୁଚୁଆଲ ଫଣ୍ଡକୁ ଟଙ୍କା ସ୍ଥାନାନ୍ତର କରିବାର ଏକ ପ୍ରକ୍ରିୟା। ନିୟମିତ ଭିତ୍ତିରେ ଏକ ସ୍ଥିରୀକୃତ ଅର୍ଥରାଶିକୁ ଫଣ୍ଡଗୁଡ଼ିକ ମଧ୍ୟରେ ସ୍ଥାନାନ୍ତର କରିବା ପାଇଁ ଆପଣ ନିଜର ଫଣ୍ଡ ହାଉସ୍‌କୁ ନିର୍ଦ୍ଦେଶ ଦେଇପାରିବେ। ଏହା ଦୁଇଟି ଉପାୟରେ ଉପାଦେୟ ହୋଇଥାଏ:



କ) ଆପଣଙ୍କ ନିକଟରେ ମୋଟା ଅଙ୍କର ଅର୍ଥରାଶି ଅଛି କିନ୍ତୁ ଆପଣ ସମ୍ପୂର୍ଣ୍ଣ ଅର୍ଥରାଶିକୁ ଇକ୍ୱିଟି ଫଣ୍ଡରେ ରଖିବାକୁ ଚାହାନ୍ତି ନାହିଁ, ପ୍ରଥମେ ଲିକ୍ୱିଡ୍ ଫଣ୍ଡରେ ନିବେଶ କରନ୍ତୁ । ତା'ପରେ ଆପଣ ନିୟମିତ ଭାବେ ଏସ୍‌ଟିପି ଜରିଆରେ ଏକ ସ୍ଥିର ପରିମାଣର ରାଶିକୁ ଇକ୍ୱିଟି ଫଣ୍ଡକୁ ସ୍ଥାନାନ୍ତର କରିପାରିବେ। ଏହା ଆପଣଙ୍କ ପାଇଁ ରିସ୍କକୁ ହ୍ରାସ କରିଥାଏ।

ଖ) ଯଦି ଆପଣ ଏକ ଇକ୍ୱିଟି ଫଣ୍ଡରେ ବଡ଼ ପରିମାଣର ଅର୍ଥରାଶି ନିବେଶ କରିଛନ୍ତି ତେବେ ଆପଣ ବ୍ୟବସ୍ଥିତ ଢଙ୍ଗରେ ଛୋଟ ଛୋଟ ପରିମାଣର ଅର୍ଥରାଶିକୁ ଡେବ୍ଟ ଫଣ୍ଡ ଭଳି ସୁରକ୍ଷିତ ମାର୍ଗକୁ ସ୍ଥାନାନ୍ତର କରିପାରିବେ। ଅବସରକାଳ ପାଖେଇ ଆସିବା ସମୟରେ ରିସ୍କକୁ ହ୍ରାସିତ କରିବାର ଏହା ଏକ ଭଲ ନିବେଶ ରଣନୀତି ଅଟେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ଜାଣିବା କଥା

ପର୍ଯ୍ୟଟନର ସାଂସ୍କୃତିକ ତଥା ଅର୍ଥନୈତିକ ପ୍ରଭାବର ନିଦର୍ଶନ ସ୍ୱରୂପ ୨୭ ସେପ୍ଟେମ୍ବର ଦିନ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଥାଏ। ମିଳିତ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଙ୍ଗଠନ (ୟୁଏନ୍‌ଡବ୍ଲ୍ୟୁଟିଓ) ଏବର୍ଷର ଉତ୍ସବ ପାଳନ ପାଇଁ ଭାରତକୁ ଆବାହକ ରାଷ୍ଟ୍ର ଭାବେ ଚୟନ କରିଛି ଏବଂ ଏବର୍ଷର ବିଷୟ ହେଉଛି: **ପର୍ଯ୍ୟଟନ ଓ କର୍ମନିଯୁକ୍ତି: ସମସ୍ତଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତ।**



### ଆପଣଙ୍କ ଆର୍ଥିକ ଲକ୍ଷ୍ୟସ୍ଥଳୀ ଅଭିମୁଖୀ ଯାତ୍ରାକୁ ଏସ୍‌ଆଇପି ସୁନିଶ୍ଚିତ କରିପାରିବ



ସୁରକ୍ଷିତ ମାର୍ଗରେ ଚାଲିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

## ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ପରବର୍ତ୍ତୀ ୧୦ ମାସ ପାଇଁ ଏକ ପାରିବାରିକ ଛୁଟିଦିନିଆ ଭ୍ରମଣ ଲାଗି ପାଣ୍ଠିର ବ୍ୟବସ୍ଥା କରିବା ନିମନ୍ତେ ମୁଁ କେଉଁଠି ନିବେଶ କରିବା ଉଚିତ ?



**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

ସନ୍ତୋଷ କୁମାର ମଲ୍ଲ
ଆର୍ଥିକ ବିଶେଷଜ୍ଞ

ନିଜର ଆର୍ଥିକ ଜୀବନକୁ କ୍ଷତି ନ ପହଞ୍ଚାଇ ଆପଣ କେତେ ପରିମାଣର ପାଣ୍ଠିର ବ୍ୟବସ୍ଥା କରିପାରିବେ ତାହା ଉପରେ ଏକ ଭଲ ଛୁଟିଦିନିଆ ଭ୍ରମଣ ନିର୍ଭର କରିଥାଏ। ଏହାର ସର୍ବୋତ୍ତମ ଉପାୟ ହେଉଛି ଏହି ଉଦ୍ଦେଶ୍ୟ ପାଇଁ ଏକ ପୃଥକ ଫଣ୍ଡ ତିଆରି କରିବା। ଛୁଟିଦିନିଆ ଭ୍ରମଣ ପାଇଁ ନିବେଶ ଶୀଘ୍ର ଆରମ୍ଭ କରିଦିଅନ୍ତୁ, ଓ ସ୍ୱଳ୍ପ ରିସ୍କ ଉପରେ ଫୋକସ୍ କରନ୍ତୁ ଯାହାଦ୍ୱାରା ବଡ଼ ପରିମାଣର ପାଣ୍ଠି ଏକତ୍ରିତ ହୋଇପାରିବ। ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ହେଉଛି ଡେବ୍ଟ-ଅଭିମୁଖୀ ସ୍କିମ୍। ଆପଣ ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରି ସ୍ୱଳ୍ପ-ରୁ-ମଧ୍ୟମ ମିଆଦରେ ସ୍ୱଳ୍ପ-ରିସ୍କ ସହିତ ରିଟର୍ନ ଅର୍ଜନ କରିପାରିବେ। ଲିକ୍ୱିଡ୍ ଫଣ୍ଡରେ ଆପଣ କୌଣସି ପ୍ରସ୍ଥାନ ଭାରର ଚିନ୍ତା ବିନା ଆବଶ୍ୟକତା ସମୟରେ ପାଣ୍ଠି ଉଠାଣ କରିପାରିବେ। ଆହୁରି ମଧ, ସଞ୍ଚୟ ବ୍ୟାଙ୍କ ଖାତାରେ ରଖିଥିବା ଟଙ୍କା ତୁଳନାରେ ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡ ଆପଣଙ୍କୁ ଅଧିକ ରିଟର୍ନ ଦେଇଥାଏ। ଏହିଭଳି ଭାବେ ଆପଣ ନିଜର ପାଣ୍ଠିକୁ ସହଜରେ ପରିଚାଳନା କରିପାରିବେ ଏବଂ ବହୁଦିନ ଧରି ଯୋଜନା କରୁଥିବା ଛୁଟିଦିନିଆ ଭ୍ରମଣ ପାଇଁ ପରିବାର ସହ ଯାଇପାରିବେ।

## ଗୁରୁ କୁହନ୍ତି



ଦୁର୍ଯ୍ୟୋଧନ ସାହୁ
ଆର୍ଥିକ ପରାମର୍ଶଦାତା

**ପୋର୍ଟଫୋଲିଓ ବିବିଧକରଣ ଜରୁରୀ କାହିଁକି ?**

ପୋର୍ଟଫୋଲିଓ ବିବିଧକରଣ ହେଉଛି ନିବେଶର ମୌଳିକ ଅବଧାରଣା। ଏହା ହେଉଛି ନିଜ ନିବେଶକୁ ବ୍ୟାପ୍ତ କରିବାର ଅଭ୍ୟାସ, ଯାହାଦ୍ୱାରା କୌଣସି ଗୋଟିଏ ଆସେଟ୍ ପ୍ରତି ସଂସ୍ପର୍ଶ ସୀମିତ ରହିବ। ବିବିଧକରଣର ପ୍ରାଥମିକ ଲକ୍ଷ୍ୟ ରିଟର୍ନକୁ ବୃଦ୍ଧି କରିବା ନୁହେଁ, ବରଂ ଏକ ପୋର୍ଟଫୋଲିଓର ଅସ୍ଥିରତାର ପ୍ରଭାବକୁ ସୀମିତ ରଖିବା ଅଟେ। ପୋର୍ଟଫୋଲିଓ ବିବିଧକରଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋର୍ଟଫୋଲିଓ ରିସ୍କ ମ୍ୟାନେଜମେଣ୍ଟ । ଏକ ନିବେଶ ପୋର୍ଟଫୋଲିଓ ଉପରେ ମୋଟାମୋଟି ରିସ୍କକୁ ହ୍ରାସ କରିବା ପାଇଁ ବିଭିନ୍ନ କିସମର ଆସେଟ୍‌କୁ ଏକାଠି କରିବାର ଏହା ରିସ୍କ ମ୍ୟାନେଜମେଣ୍ଟ ରଣନୀତି। ସଫଳ ନିବେଶର ଅନ୍ୟତମ ଚାବିକାଠି ହେଉଛି ନିଜ ସମୟସୀମା ଅନୁଯାୟୀ ନିଜର କମ୍ଫର୍ଟ ଲେଭଲ୍ ସହିତ ରିସ୍କକୁ ସନ୍ତୁଳିତ କିପରି କରାଯିବ ତାହା ଶିଖିବା। ନିବେଶ କରିବା ପୂର୍ବରୁ, ନିବେଶର ଲକ୍ଷ୍ୟକୁ ଧ୍ୟାନରେ ରଖି ପାଣ୍ଠି ପରିଚାଳନା କରିବା ଜରୁରୀ ଅଟେ। କେତେକ ନିବେଶ ସ୍ଥିର-ଆୟ ହୋଇଥିବାବେଳେ କେତେକ ବଜାର-ସଂଯୁକ୍ତ ହୋଇଥାଏ, କିନ୍ତୁ ଧନ ସୃଜନରେ ଉଭୟର କିଛି ନା କିଛି ଭୂମିକା ରହିଥାଏ।

**ପରବର୍ତ୍ତୀ ସଂସ୍କରଣରେ:** ସେପ୍ଟେମ୍ବର ମାସ ହେଉଛି ଭାରତରେ ପାର୍ବଣ ଋତୁ ଆରମ୍ଭର ବାର୍ତ୍ତାବହ । ଏ ସମୟରେ ପିଲାମାନେ ସେମାନଙ୍କ ଷାଣ୍ମାସିକ ସମୀକ୍ଷାର ସମ୍ମୁଖୀନ ହୋଇଥାନ୍ତି। ଏହି ଆର୍ଥିକ ବର୍ଷରେ ଏ ପର୍ଯ୍ୟନ୍ତ ଆପଣଙ୍କ ଆର୍ଥିକ ଜୀବନର ସ୍ଥିତିର ସମୀକ୍ଷା ଆମେ ଆସନ୍ତା ସଂସ୍କରଣରେ କରିବା।

f LIVE ନିଜର ଆର୍ଥିକ ଷାଣ୍ମାସିକ ସମୀକ୍ଷା ଉପରେ କୌତୁହଳପୂର୍ଣ୍ଣ ପ୍ରଶ୍ନୋତ୍ତର ଅଧିବେଶନ ପାଇଁ, ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ୨୬ ସେପ୍ଟେମ୍ବର ୨୦୧୯ ଅପରାହ୍ନ ୫ ଘଟିକା ପରଠାରୁ ଟ୍ୟୁନ୍ ଇନ୍ କରନ୍ତୁ ଏବଂ 'ନିଜର ଷାଣ୍ମାସିକ–ସମୀକ୍ଷା ପାଇଁ ଆପଣ ପ୍ରସ୍ତୁତ କି ?' ଶୋ' ଦେଖନ୍ତୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

MUTUALFUNDS Sahi Hai

UTI Mutual Fund
Haq, ek behtar zindagi ka.




Wander

ବୁଦ୍ଧିବିଚାରି ନିବେଶ କରିବା ମାନେ ଅଧିକ ଲାଭ ପ୍ରାପ୍ତ କରିବା । ଆପଣଙ୍କ ସ୍ୱପ୍ନର ଗନ୍ତବ୍ୟସ୍ଥଳକୁ ଯାତ୍ରା କରିବା ପରି ଯାହାକି 3 ବର୍ଷ ଅବଧି ପାଇଁ ଏକ ହାଇବ୍ରିଡ ଫଣ୍ଡରେ** ମାସିକ ଏସ୍‌ଆଇପି ମାତ୍ର ₹7,500*, ଦ୍ୱାରା ସମ୍ଭବ ହୋଇପାରିବ ।

ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ଏକ ମିସ୍ କଲ୍ ଦିଅନ୍ତୁ।

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶିକ୍ଷା ଯୋଜନା
visit www.utiswatantra.com

Scan to calculate SIP

ଆରମ୍ଭ କରନ୍ତୁ ଏକ
ଏସ୍‌ଆଇପି ଆଜି

*ଆନୁମାନିକ 7% ର ରିଟର୍ନ୍ ହାରରେ ଆଇଏନ୍‌ଆର୍ 3,00,000 ର ଆକଳିତ ବ୍ୟୟ ପାଇଁ ଏହା ଏକ ଅନୁମାନିତ ଏସ୍‌ଆଇପି ରାଶି ଅଟେ । (ଗଣନା ରିଟର୍ନ୍‌ର ଏକ ନିର୍ଦ୍ଧାରିତ ହାର ଉପରେ ଆଧାରିତ ଅଟେ ଏବଂ ନିବେଶ ଉପରେ ବାସ୍ତବିକ ରିଟର୍ନ୍ ଏହି ଚିତ୍ରଣରେ ଉପଯୋଗ କରାଯାଇଥିବା ଠାରୁ ଅଧିକ ବା କମ୍ ହୋଇପାରେ । ଉପରେ ଦିଆଯାଇଥିବା ରିଟର୍ନ୍ କେବଳ ବ୍ୟବସ୍ଥିତ ନିବେଶର ଅବଧାରଣକୁ ବୁଝାଇବା ପାଇଁ ଏବଂ ଏହାର ଉଦାହରଣ ପାଇଁ ଉଦ୍ଦିଷ୍ଟ ଅଟେ । ଲାଭ ଏବଂ ବାସ୍ତବିକ ଆକଳନ ଭିନ୍ନ ଭିନ୍ନ ହୋଇପାରେ । ରିଟର୍ନ୍‌ର କୌଣସି ଆଶ୍ୱାସନା ବା ଗ୍ୟାରେଣ୍ଟୀ ନାହିଁ । ଫଣ୍ଡର ପ୍ରଦର୍ଶନ ଅନ୍ତତଃ ବିଭିନ୍ନ କାରକ ପରି ମହଜୁଦ ବଜାର ସ୍ଥିତି, ବିଶ୍ୱ ରାଜନୈତିକ ପରିଦୃଶ୍ୟ, ବିନିମୟ ଦର ଆଦି) ଉପରେ ନିର୍ଭର କରେ ।

**ହାଇବ୍ରିଡ ଫଣ୍ଡ ଏକ ନିବେଶ ଅଟେ ଯାହା ଦୁଇ ପରିସମ୍ପତ୍ତି ଶ୍ରେଣୀ ମଧ୍ୟରେ ବିବିଧିକୃତ ଦ୍ୱାରା ଚିତ୍ରିତ ହୋଇଥାଏ ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ଯୋଜନା ସମ୍ବନ୍ଧିତ ସମସ୍ତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୩ ସେପ୍ଟେମ୍ବର, ୨୦୧୯



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ମୋବାଇଲ ଦୋକାନରୁ ଚୋରି ଅଭିଯୋଗରେ ଜଣେ ଗିରଫ

**ଚଣ୍ଡିଖୋଲ,୨୨।୯(ଡି.ଏନ.ଏ):** ଚଣ୍ଡିଖୋଲ ଛକସ୍ଥିତ ମିଡଇଷ୍ଟ ହୋଟେଲ ନିକଟରେ ଥିବା ଏକ ମୋବାଇଲ ଦୋକାନରୁ ଗତ ୩ ତାରିଖ ରାତିରେ ଚୋରି ହୋଇଥିଲା। ଏହି ଅଭିଯୋଗରେ ଝାଡ଼ଖଣ୍ଡ ରାଜ୍ୟର ସାହେବଗଞ୍ଜ ଜିଲା ପାହାଡ଼ି ଗାଁ ଅଞ୍ଚଳର ଫପିଜୁଲ ସେକ୍‌କୁ ବଡ଼ଚଣା ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୨ଟି ମୋବାଇଲ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୯୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ମୋବାଇଲ ଟ୍ରାକ୍ ଜରିଆରେ ଫପିଜୁଲକୁ ପୋଲିସ ଝାଡ଼ଖଣ୍ଡରୁ ଗିରଫ କରିଥିଲାବେଳେ ତାଙ୍କ ସହିତ ଥିବା ଅନ୍ୟ ଦୁଇ ଜଣଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ଷ୍ଟାଫ ସିଲେକ୍ସନ କନିଷ୍ଠ କିରାଣି ପରୀକ୍ଷା ଅନୁଷ୍ଠିତ

**ଯାଜପୁର ଅଫିସ,୨୨।୯:** ଯାଜପୁର ଜିଲାର ୯ଟି କେନ୍ଦ୍ରରେ ରବିବାର ଷ୍ଟାଫ ସିଲେକ୍ସନ କମିଶନଙ୍କ କନିଷ୍ଠ କିରାଣି ପ୍ରିଲିମିନାରୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩୯୬ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିଲେ। ଏନ୍‌ସି କଲେଜ, ଜିଲା ସ୍କୁଲ, ବିଡି ହାଇସ୍କୁଲ, ବିରଜା ମହିଳା କଲେଜ, ପାଣିକୋଇଲି ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ ଯାଜପୁର, ବିରଜା ହାଇସ୍କୁଲ, ମ୍ୟୁନିସିପାଲ ହାଇସ୍କୁଲ, ମା ତାରିଣୀ କଲେଜ ପାଣିକୋଇଲି କେନ୍ଦ୍ରଗୁଡ଼ିକରେ ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ହୋଇଥିଲା। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଜିଲା ଅଧୀକ୍ଷକ ଭାବେ ପରୀକ୍ଷା ପରିଚାଳନା କରିଥିବାବେଳେ ସଂସ୍ଥା ଅଧିକାରୀ ତିଲୋତ୍ତମା ପୃଷ୍ଟି, ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇ ଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ସମେତ ବିଡିଓ, ତହସିଲଦାର ପ୍ରମୁଖ ସହଯୋଗ କରିଥିଲେ।

### ବାରବାଟୀରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

**ରସୁଲପୁର,୨୨।୯(ଡିଏନଏ):** ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ବାରବାଟୀ ବଜାରରେ ଚଳିତବର୍ଷ ୫୨ତମ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଏନେଇ କମିଟି ସଭାପତି ଯୁଗୋଳ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମା' ଦଶଭୂଜାଙ୍କ ପୂଜାବିଧିକୁ ପାରମ୍ପରିକ ରୀତିନୀତି ସହକାରେ ପାଳନ କରିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ ମା'ଙ୍କ ନିକଟରେ ହୋମପୂଜା, ଆଳତୀ, ଭଜନ କୀର୍ତ୍ତନ ଆଦି କାର୍ଯ୍ୟକ୍ରମକୁ ନେଇ ଖସଡା ପ୍ରସ୍ତୁତ ହୋଇଛି। ଏହାଛଡ଼ା ପୂଜାକୁ ସରସ ସୁନ୍ଦର କରିବା ପାଇଁ ମଧ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ଏହି ଅବସରରେ ଶବ୍ଦ ଓ ବାୟୁ ପ୍ରଦୂଷଣ ଉପରେ କମିଟି ଗୁରୁତ୍ୱ ଦେଇଛି। ପୂଜାମଣ୍ଡପ ସ୍ଥଳକୁ ଦୈନିକ ସଫେଇ କରିବା ସହ ଶ୍ରଦ୍ଧାଳୁଙ୍କ ଦ୍ୱାରା ବ୍ୟବହୃତ ଅଳିଆ ଆବର୍ଜନାକୁ ଠିକ୍‌ଭାବେ ପରିଚାଳନା କରିବା ନେଇ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ ଦିଆଯାଇଛି। ଏହି ଅବସରରେ ୪ଦିନ ବ୍ୟାପୀ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ସମୟରେ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଦିଗରେ କମିଟି ପକ୍ଷରୁ ସହାୟତା ନିଆଯିବ। ଦର୍ଶକଙ୍କର ଶୃଙ୍ଖଳିତ ଦର୍ଶନ ଦିଗରେ କମିଟି ବିଶେଷ ଗୁରୁତ୍ୱ ଦେଇଛି।

■ ଖୋଲା ବୋରୱେଲ ଶିଶୁଙ୍କ ପାଇଁ ବିପଦ

# ସୁରକ୍ଷା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୨।୯**

ଖୋଲା କିମ୍ବା ପରିତ୍ୟକ୍ତ ଟ୍ୟୁବୱେଲ ଓ ବୋରୱେଲ ଛୋଟଛୋଟ ପିଲାଙ୍କ ପାଇଁ ବିପଦ ହୋଇଛି । ଖନନକାରୀ ସଂସ୍ଥା କିମ୍ବା ସମ୍ପୃକ୍ତ ମାଲିକ ଗାଇଡଲାଇନ ମାନୁ ନ ଥିବାରୁ ଏହା ବିପଦାପନ୍ନ ହୋଇଛି। ଯାଜପୁର ଜିଲାରେ ଅନେକ ଖନନକାରୀ ସଂସ୍ଥା ଜିଲା ପ୍ରଶାସନ ପାଖରେ ପଞ୍ଜୀକୃତ କରୁ ନାହାନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଅତୀତରେ ହୋଇଥିବା ସୁପ୍ରିମକୋର୍ଟଙ୍କ ରାୟ ଏବଂ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ମର୍ମରେ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ରାଜେନ୍ଦ୍ର କୁମାର ପଟ୍ଟନାୟକ ଜିଲାପାଳଙ୍କ ସମେତ ଓଡ଼ିଶା ଉଠାଜଳସେଚନ ନିଗମ ଲିଃ, ଭୂତଳ ଜଳ ଉନ୍ନୟନ ବିଭାଗୀୟ ଅଧିକାରୀଙ୍କୁ ତାଙ୍କ ପତ୍ରସଂଖ୍ୟା ୨୦୯୯୬/୨୦।୯।୨୦୧୯ରେ ନିର୍ଦ୍ଦେଶ ଜାରି କରିଛନ୍ତି। କେନ୍ଦ୍ର ସରକାରଙ୍କ ଜଳ ସମ୍ପଦ ବିଭାଗର ଜଳଶକ୍ତି ମନ୍ତ୍ରଣାଳୟ, ନଦୀ ବିକାଶ ଓ ଗଙ୍ଗା ସଂରକ୍ଷଣ ବିଭାଗୀୟ ସଚିବ ୟୁ.ପି. ସିଂ ତାଙ୍କ ପତ୍ରସଂଖ୍ୟା ୨୪୬୦୩/୪।୯।୨୦୧୯ରେ ଦର୍ଶାଇଛନ୍ତି ଯେ, ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋରୁ ମିଳିଥିବା ସୂଚନା ମୁତାବକ ପରିତ୍ୟକ୍ତ କିମ୍ବା ଖୋଲା ବୋରୱେଲରେ ପଡି ଅନେକ ଶିଶୁଙ୍କ ଜୀବନ ଯାଉଛି। ଏହି ଦୁର୍ଭାଗ୍ୟଜନକ ଘଟଣାରୁ ଦୂରେଇ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ପଡିବ। ଏଥିପାଇଁ ୧୧।୨।୨୦୧୦ ଓ ୬।୮।୨୦୧୦ରେ ସୁପ୍ରିମକୋର୍ଟ ପକ୍ଷରୁ ସୁରକ୍ଷା ଗାଇଡଲାଇନ ପ୍ରସ୍ତୁତ କରି ସମସ୍ତ ରାଜ୍ୟ ସରକାରଙ୍କୁ ସୂଚିତ କରାଯାଇଛି। ଏଥିପାଇଁ ଆବଶ୍ୟକ ନିରାକରଣ ବ୍ୟବସ୍ଥା ଗ୍ରହଣ କରି ଜିଲାପାଳ ଗାଇଡଲାଇନ ପାଳନ ଉପରେ ତଦାରଖ ଓ ନୀରିକ୍ଷଣ କରିବାକୁ ନିର୍ଦ୍ଦେଶ ହୋଇଛି।



■ଗାଇଡ୍‌ଲାଇନ ମାନୁ ନାହାନ୍ତି ଖନନକାରୀ ସଂସ୍ଥା

■ଖୋଲା ବୋରୱେଲରେ ପଡି ଯାଉଛି ଶିଶୁଙ୍କ ଜୀବନ

ଗାଇଡଲାଇନ ଅନୁସାରେ ବୋରୱେଲ କିମ୍ବା ଟ୍ୟୁବୱେଲ ଖୋଳିବାର ୧୫ ଦିନ ପୂର୍ବରୁ ସମ୍ପୃକ୍ତ ଜମି ଓ ପରିସର ମାଲିକ ଜିଲାପାଳ କିମ୍ବା ସ୍ଥାନୀୟ ସରପଞ୍ଚ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗକୁ ଲିଖିତ ଭାବେ ଜଣାଇବେ। ସମସ୍ତ ଖନନକାରୀ ସଂସ୍ଥା ଜିଲା ପ୍ରଶାସନ ପକ୍ଷରୁ ପଞ୍ଜୀକୃତ ହୋଇଥିବ। ଏହାସହ ଖନନ ସମୟରେ ଖନନକାରୀ ସଂସ୍ଥା ଓ ବୋରୱୋଲ/ଟ୍ୟୁବୱେଲ ଖନନ କରୁଥିବା ମାଲିକର ସମ୍ପୂର୍ଣ୍ଣ ଠିକଣା ସମ୍ପୃକ୍ତ ସ୍ଥାନରେ ସୂଚିତ କରିବେ। ଏହାସହ ଖନନ ସମୟରେ ଚାରିପଟେ ତାରବାଡ଼ କିମ୍ବା ଅନ୍ୟ ଉପାୟରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରିବେ। ଖନନ ସ୍ଥାନରେ ୦.୩୦ ମିଟର ଗ୍ରାଉଣ୍ଡ ଲେଭୁଲ ଓ ୦.୩୦ ମିଟର ଗ୍ରାଉଣ୍ଡ ଲେଭୁଲରୁ କମ୍ ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ କରାଯିବ। ପମ୍ପ ମରାମତି ସମୟରେ ଟ୍ୟୁବୱେଲ ଖୋଲା ଛଡାଯିବ ନାହିଁ। ଏଭଳି ଅନେକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ପକ୍ଷରୁ ଗାଇଡଲାଇନକୁ ସ୍ୱୀକୃତି ଦିଆଯାଇଛି। କିନ୍ତୁ ବୋରୱେଲ/ଟ୍ୟୁବୱେଲ ଖନନ ସମୟରେ ଯାଜପୁର ଜିଲାରେ ଏହିସବୁ ଗାଇଡଲାଇନକୁ କେହି ମାନୁ ନ ଥିବା ଦେଖିବାକୁ ମିଳିଛି । ଯଦ୍ୱାରା ଶିଶୁଙ୍କ ଜୀବନ ବିପଦରେ ପଡିବାର ସମ୍ଭାବନା ଦେଖାଦେଇଛି।

### ଚେକିଂ ବେଳେ ପୋଲିସ-ବାଇକ୍ ଆରୋହୀ ଠେଲାପେଲା, ୨ ଗିରଫ

**ରସୁଲପୁର,୨୨।୯(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ କୁଆଖିଆ ବଜାରର ଦୈନିକ ପରିବା ହାଟ ନିକଟରେ ଶନିବାର ରାତିରେ କୁଆଖିଆ ପୋଲିସ ପକ୍ଷରୁ ଗାଡିମୋଟର ଚେକିଂ କରାଯାଉଥିଲା। ଚେକିଂବେଳେ ଏକ ବାଇକ୍‌ରେ ବିନା ହେଲମେଟରେ ୩ଜଣ ଯୁବକ ଆସୁଥିଲେ। ସେମାନଙ୍କ ଭିତରୁ ଗିରଫ ଅଭିଯୁକ୍ତ ହେଲେ ଯାଜପୁର ସଦର ଥାନା ନୋଳିପୁର ଗ୍ରାମର ସ୍ମୃତିରଞ୍ଜନ ସ୍ୱାଇଁ(୩୩), କୁଞ୍ଜ ବିହାରୀ ସ୍ୱାଇଁ(୪୦)। ସେମାନଙ୍କୁ ପୋଲିସ ଏଏସ୍‌ଆଇ ଅମୂଲ୍ୟ ମିଶ୍ର ଅଟକାଇବାରୁ ସେମାନେ ମଦ୍ୟପାନ କରିଥିବା ଅନୁମାନ କରିଥିଲେ। ଉକ୍ତ ୩ ଯୁବକଙ୍କ ବ୍ରେଥ୍ ଚେକିଂ କରାଯାଇଥିଲା। ଏହାକୁ ବିରୋଧ କରିବାରୁ ପୋଲିସ ଓ ବାଇକ୍ ଆରୋହୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପୋଲିସକୁ ଚକ୍‌ମା ଦେଖାଇ ଜଣେ ଯୁବକ ଖସି ପଳାଇଥିଲାବେଳେ ଦୁଇଜଣ ପୋଲିସ ହାତରେ ଧରାପଡ଼ି କୋର୍ଟଚାଲାଣ ହୋଇଛନ୍ତି। ପୋଲିସ ବାଇକ୍‌ଟିକୁ ଜବତ କରିଛି।

■ ଚାଷୀ ପାଉ ନାହାନ୍ତି ବୀମା ଅର୍ଥ

# ଦୋଷ ଠେଲାଠେଲି ଶାଖା ପରିଚାଳକ, ସମ୍ପାଦକ

**ଦଶରଥପୁର,୨୨।୯(ଡିଏନ୍‌ଏ)**





କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କ (ସିସିସିବି) ଦଶରଥପୁର ଶାଖା ଅଧୀନରେ ଦଶରଥପୁର ବ୍ଲକର ୧୩ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ରହିଛି । ଏହି ସମବାୟ ସମିତି ମଧ୍ୟରୁ ମଙ୍ଗଳପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ଦୁର୍ନୀତି ପଦାକୁ ଆସିବା ପରେ ଅନ୍ୟ ସମବାୟ ସମିତିରେ ମଧ୍ୟ ସମାନ ଧରଣର ଦୁର୍ନୀତି ହୋଇଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାପରେ ସମ୍ପୃକ୍ତ ବିଭାଗ ପକ୍ଷରୁ ମଙ୍ଗଳପୁର ସମବାୟ ସମିତି ଉପରେ ବିଭାଗୀୟ ଅଧିକାରୀମାନେ ଚଢାଉ କରି ଦୁର୍ନୀତିର ପର୍ଦ୍ଦାଫାଶ କରିଥିଲେ। ଏଥିରେ ସମ୍ପୃକ୍ତ ସମବାୟ ସମିତି ସମ୍ପାଦକ ରଜତ ରାୟ ଏବଂ ପିଅନରୁ ଚଞ୍ଚକତା କରି ସହସମ୍ପାଦକ ହୋଇଥିବା ଜଗନ୍ନାଥ ଯେନାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏହାପରେ ଅନ୍ୟ ସମବାୟ ସମିତିଗୁଡ଼ିକରେ ତଦନ୍ତ କରିବାକୁ ଚାଷୀମାନେ ଦାବି କରିଥିଲେ ମଧ୍ୟ ତଦନ୍ତ ଅଧିକାରୀମାନେ ତଦନ୍ତ ହେବ ବୋଲି କହି ଚୁପ୍ ହୋଇ ବସିଯାଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଏହି ସେବା ସମବାୟ ସମିତିରୁ ଋଣ କରିଥିବା ଥାଲକୁଡି ପଞ୍ଚାୟତର ୧୦୩ ଜଣ ଚାଷୀ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ବୀମା ଅର୍ଥ ପାଇନାହାନ୍ତି। ଏ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି। ମଙ୍ଗଳପୁର ସମବାୟର ସମିତିର ସେକ୍ରେଟାରୀ ନିରୋଧ କୁମାର ରାୟଙ୍କୁ ଚାଷୀଙ୍କୁ ଅର୍ଥ ପ୍ରଦାନରେ ବିଳମ୍ବ ହେଉଥିବା ସମ୍ପର୍କରେ ପଚାରିବାରୁ, ବ୍ୟାଙ୍କ ମ୍ୟାନେଜର ଅର୍ଡର କଲେ ଯାଇ ଚାଷୀଙ୍କର ବିଭିନ୍ନ ଦସ୍ତାବିଜ୍ ପଠାଯିବ। ଏହାପରେ ଥାଲକୁଡି କଥା ବୁଝାଯିବ ବୋଲି କହିଥିଲେ। ତେବେ ସିସିସିବିର ଦଶରଥପୁର ଶାଖା ମ୍ୟାନେଜର ପଦ୍ମଲୋଚନ ଦାସ କହିଛନ୍ତି ଯେ, ସେକ୍ରେଟାରୀ ଚାଷୀଙ୍କ ଆବଶ୍ୟକ କାଗଜପତ୍ର ପଠାଇଲେ ସେମାନଙ୍କୁ ଅର୍ଥ ପ୍ରଦାନ କରାଯିବ। ମାତ୍ର ସେ ପଠାଇ ନାହାନ୍ତି, ପଠାଇଲା ପରେ ଶୀଘ୍ର ହୋଇଯିବ କହିଛନ୍ତି। ତେବେ ସମ୍ପାଦକ ଓ ମ୍ୟାନେଜର ପରସ୍ପରକୁ ଦୋଷାରୋପ କରୁଥିବାବେଳେ ହନ୍ତସନ୍ତ ହେଉଛନ୍ତି ଚାଷୀ। ଏହାସହିତ ଥାଲକୁଡି ପଞ୍ଚାୟତର ୨୫୭ଜଣ ଚାଷୀ ବୀମାଭୁକ୍ତ ହୋଇଥିବାବେଳେ ମଙ୍ଗଳପୁର ପ୍ରାଥମିକ କୃଷି ସମବାୟ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ବୀମାଭୁକ୍ତ ଚାଷୀଙ୍କ ନାମ ଭୁଲ୍ ରହିଥିବାରୁ ୧୦୩ ଜଣ ଚାଷୀ ବୀମାଅର୍ଥ ପାଇବାରୁ ବଞ୍ଚିତ ହୋଇଥିବା ଜଣାଯାଇଛି। ଯାହାକୁ ନେଇ ଚାଷୀମାନେ ଅନଶନ କରିବେ ଏବଂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି।

ଓଏମ୍‌ବିଏଡିସି ପାଣ୍ଠିରୁ ୪.୬୨ କୋଟି ବ୍ୟୟ ଅଟକଳ

# ନିର୍ମାଣ ହେବ ୧୪ ସବ୍‌ସେଣ୍ଟର ଗୃହ

**ଯାଜପୁର ଅଫିସ,୨୨।୯**

ଓଡିଶା ଖଣି ପ୍ରଭାବିତ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ପାଣ୍ଠିରୁ ୨୦୧୯-୨୦ ବର୍ଷ ପାଇଁ ଯାଜପୁର ଜିଲାର ୧୪ଟି ସ୍ୱାସ୍ଥ୍ୟ ବିଭାଗର ସବ୍‌ସେଣ୍ଟର ଗୃହ ନିର୍ମାଣ କରିବାକୁ ବ୍ୟୟ ଅଟକଳ ହୋଇଛି। ଏଥିପାଇଁ ୩୩ଲକ୍ଷ ଟଙ୍କା ଲେଖାଏଁ କରି ୪ କୋଟି ୬୨ ଲକ୍ଷ ଟଙ୍କା ଅନୁମୋଦନ କରିବାକୁ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଆବେଦନ କରାଯାଇଛି। ଏଥିପାଇଁ ଯେଉଁ ତାଲିକା ପ୍ରସ୍ତୁତ ହୋଇଛି ସେଗୁଡିକ ବିଞ୍ଝାରପୁର, ଯାଜପୁର ଓ ବରୀ ବ୍ଲକ ଅଞ୍ଚଳର ସ୍ୱାସ୍ଥ୍ୟ ବିଭାଗର ସବସେଣ୍ଟର ଗୃହ। ପ୍ରୀତିପୁର, ଉତ୍ତରକୂଳ, ଫତେପୁର, ରମ୍ଭା, ଚନ୍ଦନପୁର, ଭୁରୁଙ୍ଗା, ଅରିଲୋ, ଅନ୍ୟାସପୁର, ମାଳପଡା, ଅଳିପୁର, ବରୀ, କଣ୍ଟିଆ, ବାଲିଆ ଓ ହରିପୁର ସବ୍‌ସେଣ୍ଟର ଗୃହ ନିର୍ମାଣ ହେବ।

# ବୈଷ୍ଣବ ସାହିତ୍ୟ ସମ୍ମିଳନୀ

**ସିଂହପୁର,୨୨।୯(ଡିଏନଏ)**

ବିଞ୍ଝାରପୁର ବ୍ଲକ କାଏଣା ରଘୁନାଥପୁର ପଞ୍ଚାୟତ ନରୁଆ ଗ୍ରାମରେ ପ୍ରତିଷ୍ଠିତ ଭକ୍ତି ନିକେତନ ପରିସରରେ ରାଜ୍ୟସ୍ତରୀୟ ବୈଷ୍ଣବ ସାହିତ୍ୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଚୈତନ୍ୟ ସେବା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ମିଳନୀକୁ ସଂସଦର ପ୍ରତିଷ୍ଠାତା ସଭାପତି ଗୋସ୍ୱାମୀ ଗୋପାଳ ଚରଣ ଦାସ ଭକ୍ତିଭୂଷଣ ମହାରାଜ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନିଳାଦ୍ରୀବିହାର ସେବାଧକ୍ଷ ଭକ୍ତ ନିରଞ୍ଜନ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ବୈଷ୍ଣବ ଯଶୋଦା ନନ୍ଦ ଦାଶ ମହାରାଜ, କେନ୍ଦ୍ରାପଡାର ଭୂପତି ମୋହନ ପଣ୍ଡା, ବିଜୟ ସୁତାର, ଅଧିକାରୀ ନବକିଶୋର ଦାସ, ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତ୍ରୈମାସିକ ଆଧାତ୍ମିକ ପତ୍ରିକା ଭକ୍ତିପ୍ରଭା ଉନ୍ମୋଚିତ ହୋଇଥିଲା। ଏଥିରେ ଯାଜପୁର ଶାଖା ପରିଚାଳକ ବ୍ରହ୍ମଚାରୀ ହରିଭୂଷଣ ଦାଶ, ଗୌରାଙ୍ଗ ଚରଣ ନାୟକ, ଅଧ୍ୟାପକ ରବିନାରାୟଣ ପତି, ପର୍ଶୁରାମ କର, ଅଧିକାରୀ ମଧୁସୂଦନ ଦାଶ, ଲକ୍ଷ୍ମୀଧର ଦାଶ, ଗଙ୍ଗାଧର ପତି, ବିନୋଦ ବିହାରୀ ଲେଙ୍କା, ନିରଞ୍ଜନ ପ୍ରଶାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଗୋସ୍ୱାମୀ ଅଭୟ ଗୋପୀ ବଲ୍ଲଭ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।





ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ନଦୀବନ୍ଧରେ ପଞ୍ଚାୟତିରାଜ ଅନୁଦାନ ଖର୍ଚ୍ଚ ଅଭିଯୋଗ

**ରସୁଲପୁର,୨୨।୯(ଡିଏନଏ)**

ସରକାରୀ ଅର୍ଥ ବ୍ୟୟ କରିବା ସକାଶେ ଏକ ନିର୍ଦ୍ଦିଷ୍ଟ ନିୟମାବଳୀ ରହିଛି। ଯେମିତିକି, ରାସ୍ତା ନିର୍ମାଣ ପୂର୍ବରୁ କାର୍ଯ୍ୟସ୍ଥଳରେ ସୂଚନାଫଳକ ଲଗାଯିବ। ନିର୍ମାଣ ହେଉଥିବା ଜମି ଉପରେ ଏକ ଜମିଜମା ସମ୍ପର୍କିତ କାଗଜପତ୍ର ଫାଇଲରେ ରଖାଯିବ। ଗୋଟିଏ ବିଭାଗର ଟଙ୍କା ଅନ୍ୟ ବିଭାଗ ଅଧୀନରେ ଖର୍ଚ୍ଚ କରିବାକୁ ହେଲେ ସମ୍ପୃକ୍ତ ବିଭାଗର ଅନୁମତି ଅଣାଯିବା ଭଳି ଯାବତୀୟ ନିୟମ ପ୍ରତି ଦୃଷ୍ଟି ଦିଆଯିବ। ମାତ୍ର ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନରେ ବିଭିନ୍ନ ପଞ୍ଚାୟତରେ ହେଉଥିବା ସରକାରୀ କାର୍ଯ୍ୟରେ ଏସବୁ ନିୟମକୁ ଅଣଦେଖା କରାଯାଉଛି। ଏନେଇ ବିଭିନ୍ନ ସମୟରେ ବ୍ଲକ ପ୍ରଶାସନ ନିକଟରୁ ଆରମ୍ଭ କରି ଜିଲା ଓ ରାଜ୍ୟ ପଦାଧିକାରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ ଫର୍ଦ୍ଦ ଲମ୍ବିବାରେ ଲାଗୁଛି । ସଦ୍ୟ ଏହି ବ୍ଲକର ଅର୍ଥଗାଁ ପଞ୍ଚାୟତ ବଡଚଅପୋଇ ଗ୍ରାମରୁ ଆସିଥିବା ଅଭିଯୋଗ ଏହାକୁ ପ୍ରମାଣିତ କରୁଛି । ଏହି ଗାଁରେ ୨ଟି ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତା ଦୁଇଟି ବ୍ରାହ୍ମଣୀ ନଦୀବନ୍ଧରୁ ସାହି ଭିତରକୁ କରାଯାଉଛି। ଜନସାଧାରଣଙ୍କ ଗମନାଗମନରେ ସୁବିଧା ପାଇଁ ଜଳ ସମ୍ପଦ ବିଭାଗ ଏ ଦିଗରେ ଗୁରୁତ୍ୱ ଦେଇ ଅର୍ଥ ଖର୍ଚ୍ଚ କରିବା ଦରକାର ଥିବାବେଳେ ଏଠି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଇଛି। ଏ ଦିଗରେ ବିଭାଗର କୌଣସି ଅନୁମତି ଲୋଡାଯାଇ ନାହିଁ ବୋଲି ଗ୍ରାମବାସୀ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ଏହି ପଞ୍ଚାୟତ ବଡ ଚଅପୋଇ ଗ୍ରାମର ଗୋପାଳ ସାହି ଠାରୁ ନଦୀବନ୍ଧ ଓ ସବର ସାହି ଠାରୁ ନଦୀ ବନ୍ଧ ପର୍ଯ୍ୟନ୍ତ ଦୁଇଟି ରାସ୍ତା ନିର୍ମାଣ କରାଯାଉଛି। ଉକ୍ତ ରାସ୍ତା ଦୁଇଟିରୁ ସବର ସାହି ଠାରୁ ନଦୀବନ୍ଧକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣସ୍ଥଳରେ ସୂଚନା ଫଳକ ଲାଗିଛି। ଉକ୍ତ ରାସ୍ତା ନିର୍ମାଣ ପାଇଁ ରସୁଲପୁର ପଞ୍ଚାୟତର ସମିତି ଅଂଶରୁ ୮ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ଫଳକରୁ ବୁଝାପଡୁଛି। ମାତ୍ର ରାସ୍ତା ନିର୍ମାଣବେଳେ ସାହି ପାର୍ଶ୍ୱରୁ ରାସ୍ତା ନିର୍ମାଣ କରା ନ ଯାଇ ନଦୀବନ୍ଧ ଉପରେ ରାସ୍ତା ନିର୍ମାଣ କରାଯାଇଛି। ଯାହାକି ସମ୍ପୂର୍ଣ୍ଣ ବେଆଇନ। ଏନେଇ ଅନୁମତି ନ ଥାଇ ବି ରାସ୍ତା ନିର୍ମାଣ କରାଯାଇଛି। ଏହାଛଡା ନିର୍ମାଣାଧୀନ ରାସ୍ତା ନିମ୍ନମାନର ହେଉଛି। ବନ୍ଧତଳେ ରାସ୍ତା ନିର୍ମାଣ ହେଉଥିବା ଜମିଜମା ସମ୍ପର୍କିତ କାଗଜପତ୍ର ଫାଇଲରେ ନାହିଁ। ଏହାବାଦ ଗୋପାଳ ସାହି ରାସ୍ତାର ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ଲାଗିନାହିଁ । ଏଠାରେ ମଧ ପ୍ରକଳ୍ପ ତାଲିକାରେ ସ୍ଥାନ ପାଇଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ନିୟମାନୁଯାଇ କରାଯାଉ ନ ଥିବା ଭଳି ନାନା ତ୍ରୁଟି ଦର୍ଶାଇ ବ୍ଲକରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପରିଡାଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ତାଙ୍କ ମତାମତ ମିଳିପାରି ନାହିଁ ।

# ଭାରିଯାନ ଚଳାଚଳ ମୁକ୍ତ ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତା

**ରସୁଲପୁର,୨୨।୯(ଡିଏନଏ)**

ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଦେଇ ଯାଇଥିବା ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତା ଭାରିଯାନ ଚଳାଚଳ ମୁକ୍ତ ହେବ। ବିଶେଷ କରି ବିଦ୍ୟାଳୟ ଖୋଲିବା ଓ ଛୁଟି ହେବା ସମୟରେ ଏହି ନିୟମକୁ କଡ଼ାକଡ଼ିଭାବେ ପାଳନ କରାଯିବ। ଏ ସମ୍ପର୍କରେ ପ୍ରଶାସନ ପ୍ରତିଶ୍ରୁତି ଦେଇ ନିର୍ଦ୍ଧାରିତ ସମୟରେ ପାଳନ ନ କରିବାରୁ ସାମାଜିକକର୍ମୀ ମଣ୍ଟୁ ଦାସ ଆସନ୍ତା ୨୬ରୁ ଅନଶନରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ରସୁଲପୁର ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଏହା ଜାଣି ତହସିଲ ପ୍ରଶାସନ ତତ୍ପରତା ଦେଖାଇଛି। ସାମଜିକକର୍ମୀ ଦାସଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବଗୁଡିକ ସୋମବାରଠାରୁ ପାଳନ କରାଯିବ ବୋଲି ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ଖଣ୍ଡାସ ଛକଠାରେ ଗତ ସପ୍ତାହରେ ଜଣେ ଛାତ୍ରୀଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାସ୍ଥଳକୁ ଯାଜପୁର ଜିଲା ପୋଲିସର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ରସୁଲପୁର ତହସିଲଦାର, ବରୀ, ଯାଜପୁର ସଦର ଥାନା ଅଧିକାରୀ ସମେତ ଏକ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ଅଭିଯୋଗକୁ ଗ୍ରହଣ କରିବା ସହ ସେଗୁଡିକୁ ଆଗାମୀ ୫ଦିନ ଭିତରେ ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ପ୍ରଶାସନ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଥିଲା। ଏହାକୁ କେନ୍ଦ୍ର କରି ସାମାଜିକ କର୍ମୀ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ଜିଦ୍ ଧରିଥିଲେ। ଏହାପରେ ଦାବି ମୁତାବକ ସୋମବାରଠାରୁ ଏହି ରାସ୍ତା ଦେଇ ଆଇରନ ବୋଝେଇ ଟ୍ରକ ଚାଲିବା ସମ୍ପୂର୍ଣ୍ଣ ବନ୍ଦ ରହିବ। ସ୍କୁଲ ଆରମ୍ଭ ଓ ଶେଷ ସମୟରେ ପୋଲିସ ପାଟ୍ରୋଲିଂ କରାଯିବ । ରାସ୍ତା ଉପରେ ସ୍ପିଡ ବ୍ରେକର ଲାଗାଇବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯିବ। ଏହାଛଡା ପ୍ରତ୍ୟେକ ଘରୋଇ ସ୍କୁଲର ଗାଡିଗୁଡିକୁ ଯାଞ୍ଚ କରାଯିବା ନେଇ ରସୁଲପୁର ବିଇଓ, ତହସିଲଦାର ଓ ପୋଲିସକୁ ନେଇ ଏକ କମିଟି ଗଠନ କରାଯାଇ ବିଦ୍ୟାଳୟଗୁଡିକୁ ପରିଦର୍ଶନରେ ଯିବା ସହ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭଳି ଦାବିଗୁଡିକୁ ତହସିଲଦାର ପାଳନ କରିବା ଦିଗରେ ପଦକ୍ଷେପ ନେଇଥିବାରୁ ସାମାଜିକ କର୍ମୀ ଅନଶନ ନିଷ୍ପତିରୁ ଓହରି ଯାଇଛନ୍ତି।

# ର୍‌ୟାକ ଲାଗିବା ପରେ ବି ସାର ପାଇନାହାନ୍ତି ଚାଷୀ

**ବିଞ୍ଝାରପୁର,୨୨।୯(ଡି.ଏନ.ଏ)**

■ଖୋଲା ବଜାରରେ ସାରର ଅହେତୁକ ମୂଲ୍ୟବୃଦ୍ଧି ଓ କଳାବଜାର

■ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଚଳିତ ବର୍ଷ ବିଳମ୍ବରେ ମୌସୁମୀ ବର୍ଷା ଯୋଗୁ ଖରିଫ ଧାନ ଫସଲ ଆରମ୍ଭ ହୋଇଥିଲା। ବିଞ୍ଝାରପୁର ଅଞ୍ଚଳର ଚାଷୀମାନେ ବର୍ଷା ଉପରେ ଭରସା କରି ବହୁ ପଛରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ବହୁ ଚାଷୀ ଖରିଫ ଧାନଚାଷରୁ ମୁହଁ ଫେରାଇ ନେଇଥିଲାବେଳେ ଯେଉଁ ଚାଷୀମାନେ ଦୁଃଖକଷ୍ଟ ସହି ଧାନଚାଷ କରିଥିଲେ ଏବେ ସାରର ଅଭାବ ପାଇଁ ସେମାନେ ହୀନସ୍ତା ହେଉଥିବା ଦେଖିବାକୁ ମିଳିଛି। ଗତ ସପ୍ତାହରେ ପ୍ରଶାସନ ନିକଟରେ ସମ୍ପୃକ୍ତ ଚାଷୀମାନେ ଏ ନେଇ ଅଭିଯୋଗ କରିଥିଲେ। ବିଞ୍ଝାରପୁର ଅଞ୍ଚଳର ଖୋଲା ବଜାରରେ ସାରର ଅହେତୁକ ମୁଲ୍ୟବୃଦ୍ଧି ଓ କଳାବଜାର ଚାଷୀଙ୍କ ଅସନ୍ତୋଷର କାରଣ ହୋଇଥିଲା। ଏହିସବୁ ଦିଗକୁ ନଜରରେ ରଖି ଗତ ସପ୍ତାହରେ ବିଞ୍ଝାରପୁର ଅଞ୍ଚଳରେ ସାରର ଅହେତୁକ ମୂଲ୍ୟ ବୃଦ୍ଧି ଓ କଳାବଜରକୁ ଅନୁଧ୍ୟାନ କରିବା ପାଇଁ ଜିଲା କୃଷି ଅଧିକାରୀ ବ୍ଲକର ବିଭିନ୍ନ ସ୍ଥାନ ଓ ପ୍ରାଥମିକ କୃଷି ସମବାୟ ପରିଦର୍ଶନ କରି ବାସ୍ତବରେ ଏହି ଅଞ୍ଚଳରେ ସାରର ଅଭାବ ରହିଛି ବୋଲି ହୃଦୟଙ୍ଗମ କରି ଫେରିଥିଲେ। ସେ ସମୟରେ ଜିଲା କୃଷି ଅଧିକାରୀ ର୍‌ୟାକ ଲାଗିଲେ ସବୁ ସମାଧାନ ହୋଇଯିବା ସହିତ ଚାଷୀମାନେ ଉପଯୁକ୍ତ ମୂଲ୍ୟରେ ସାର ପାଇପାରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗୁରୁବାରଠାରୁ ସାର ର୍‌ୟାକ ଲାଗିଥିଲେ ମଧ୍ୟ ବିଞ୍ଝାରପୁର ଅଞ୍ଚଳର ଚାଷୀଙ୍କ ନିକଟରେ ସାର ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି। ଏହି ବ୍ଲକର ରଣପୁର ପ୍ୟାକ୍ସ ସମ୍ପାଦକ ନିଜ ସମିତିର ଚାହିଦା ମୁତାବକ ଗୋଦାମକୁ ସାର ଆଣିବାକୁ ଯାଇଥିଲେ ମଧ୍ୟ ସମ୍ପୃକ୍ତ କର୍ମଚାରୀଙ୍କ ଖାମଖିଆଲି ନୀତି ଯୋଗୁ ଦୁଇଦିନ ବିତିଯାଇଥିଲେ ବି ସାର ଆଣିପାରି ନାହାନ୍ତି । ଫଳରେ ରଣପୁର ଓ ଚନ୍ଦ୍ରମୁଁ ପଞ୍ଚାୟତର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷରେ ପ୍ୟାକ୍ସକୁ ସାର ନ ଆସିବା ଯୋଗୁ ଚାଷୀମାନେ ବଜାରରୁ ଅଧିକା ଦରରେ ସାର କିଣି ଆବଶ୍ୟକତା ପୂରଣ କରୁଛନ୍ତି। ଖୋଲା ବଜାରରେ ୟୁରିଆ ସାର ମୂଲ୍ୟର ଅହେତୁକ ବୃଦ୍ଧିକୁ ନେଇ ଚାଷୀମାନେ ବିଭାଗକୁ ଦାୟୀ କରୁଛନ୍ତି। ତେବେ ରଣପୁର ପ୍ୟାକ୍ସର ଚାଷୀବୃନ୍ଦ ଉମେଶ ସାମଲ, ସତ୍ୟସୁନ୍ଦର ନାୟକ, ଲମ୍ବୋଦର ନାୟକ, ଭଜହରି ସାମଲ, ପାକନ ସାମଲ ପ୍ରମୁଖ ପ୍ୟାକ୍ସ ମାଧ୍ୟମରେ ସୁଲଭ ମୂଲ୍ୟରେ ସାର ଯୋଗାଇ ଦେବାକୁ ଦାବି ଜଣାଇଛନ୍ତି । ତେବେ ଘଟଣା ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଶରତ କୁମାର ପୃଷ୍ଟି କୁହନ୍ତି ଯେ, ସାରର ଅଭାବ ରହିଥିଲା। ହେଲେ ର୍‌ୟାକ ଲାଗିବା ପରେ ତୁରନ୍ତ ସାର ଅଭାବ ଥିବା ସ୍ଥାନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପଠା ସରିଛି ବୋଲି କହିଥିବାବେଳେ ପ୍ୟାକ୍ସଗୁଡିକ ଚୁକ୍ତି ଅନୁସାରେ ସାର ପାଇବେ ବୋଲି ପୃଷ୍ଟି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଜଗମୋହନ ହୁଣ୍ଡିରୁ ୩ ଲକ୍ଷ ଟଙ୍କା ଆଦାୟ

**କେନ୍ଦ୍ରାପଡା ଅଫିସ, ୨୨।୯:** ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ଜଗମୋହନ ହୁଣ୍ଡି ଗତ ୧୬ ତାରିଖରେ ଖୋଲାଯାଇଛି । ଏହି ହୁଣ୍ଡିରୁ ମୋଟ ୩,୦୮,୭୦୫ ଟଙ୍କା ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ସଂଗ୍ରହ ହୋଇଛି ବୋଲି ଦେବୋତ୍ତର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି । ଏହି ଟଙ୍କା ଗଣତିରେ ଟ୍ରଷ୍ଟି ବଳାରାମ ସୁଆର, ଧୀରେନ ସାହୁ, ଯଜାତୀକେଶରୀ ମହାନ୍ତି, ରଞ୍ଜନ କୁମାର ପୃଷ୍ଟି, ସୁପରଭାଇଜର ନୃସିଂହ ଚରଣ ପତ୍ରୀ ପ୍ରମୁଖ ସାମିଲ ହୋଇଥିଲେ ।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ
### କାଠବାକ୍ସ ତାଡି ସୁନା ଅଳଙ୍କାର, ଟଙ୍କା ଲୁଟ୍

**ରାଜକନିକା,୨୨।୯,(ଡି.ଏନ୍.ଏ):** ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ଗ୍ରାମର ନବଘନ ବାରିକଙ୍କ ଘରେ ଦୁର୍ବୃତ୍ତମାନେ ଶନିବାର ବିଳମ୍ବିତ ରାତିରେ କଳାକନା ବୁଲାଇ ଦେଇଛନ୍ତି। ସେ ଘରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି କାଠବାକ୍ସ ତାଡ଼ି ସେଥିରେ ଥିବା ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଛନ୍ତି। ଏଥିସହ ଗୋଟିଏ ଆଟାଚ ଭାଙ୍ଗି ସେଥିରୁ ଲୁଗାପଟା ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ଏନେଇ ନବଘନ ରବିବାର ସକାଳେ ପୋଲିସରେ ଅଭିଯୋଗ କରିଛନ୍ତି। ତଡ଼ାଯାଇଥିବା କାଠବାକ୍ସରେ ୨ହଳ ଲେଖାଁଏ ସୁନାମୁଦି,ସୁନା କାନଫୁଲ ଓ ପଟି ଥିବା ବେଳେ ଗୋଟିଏ ମଙ୍ଗଳସୂତ୍ର ଥିଲା ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛି। ସ୍ଥାନୀୟ ଅଞ୍ଚଳରେ ଲୁଟ୍, ଚୋରି ଓ ଡକାୟତି ଘଟଣା ବୃଦ୍ଧି ପାଇଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ପୋଲିସ ପକ୍ଷରୁ ରାତିରେ ଏହି ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ପଟ୍ଟାମୁଣ୍ଡାଇ, ୨୨।୯ (ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ପଡିଆରେ ଏକଦିନିଆ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏବିଇଓ ପ୍ରଦୀପ କୁମାର ସାମନ୍ତରାୟ, ବିଆରସିସି ଗୋବିନ୍ଦ ଚନ୍ଦ୍ର ପରିଡ଼ା, ସିଆରସିସି ଗୋଲକ ଚନ୍ଦ୍ର ମଲ୍ଲିକ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ବେହେରା କ୍ରୀଡା ପତାକା ଦେଖାଇ ପ୍ରତିଯୋଗିତା ଆରମ୍ଭ କରିଥିଲେ। ଏଥିରେ ବ୍ଲକ ଅଧୀନ ବିଭିନ୍ନ ସ୍କୁଲର ୧୮୦ ଜଣ ପ୍ରତିଯୋଗୀ ଭାଗ ନେଇ ଫୁଟବଲ୍, ଖୋଖୋ, କବାଡି, ଯୋଗାସନ ଓ ରଗ୍‌ବି ଆଦି କ୍ରୀଡା ପ୍ରଦର୍ଶନ କରିଥିଲେ। ଉନ୍ନତ କ୍ରୀଡା ପ୍ରଦର୍ଶନ କରିଥିବା ୫୦ଜଣ ପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷୟିତ୍ରୀ ଆରାଧନା ଦାଶ, କ୍ରୀଡା ଶିକ୍ଷକ ଶଶାଙ୍କ ଶେଖର ସାହୁ, କ୍ରୀଡ଼ା ପରିଚାଳନା କମିଟି ସମ୍ପାଦକ ବିଶ୍ୱରଞ୍ଜନ ସେଠୀ, ପିଇଟି ଶରତ ଚନ୍ଦ୍ର ସ୍ୱାଇଁ, ଗୋପୀନାଥ ଦାସ, ଆନନ୍ଦ ମଲିକ, ଅଜୟ କୁମାର ସାହୁ, ଦୁର୍ଗା ପ୍ରସାଦ ପରିଡ଼ା, ସୌଦାମିନୀ ସୂତାର, ଅନା ଧଳ, ଅମ୍ବିକା ମହାନ୍ତି, ଅଶୋକ ମଲ୍ଲିକ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

### ହିନ୍ଦ ମଜଦୁର ସଭାର ପ୍ରାକ୍ତନ ସଭାପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ରାଜକନିକା,୨୨।୯(ଡି.ଏନ.ଏ.)-** ରାଜ୍ୟ ହିନ୍ଦ ମଜୁଦର ସଭାର ପ୍ରାକ୍ତନ ସଭାପତି ସ୍ୱର୍ଗତ ବିଦ୍ୟାଧର ବାରିକ ଏକାଧାରରେ ଜଣେ ଖ୍ୟାତି ସମ୍ପନ୍ନ ଟ୍ରେଡ ୟୁନିୟନ ନେତା, ସାମାଜିକକର୍ମୀ, ସାହିତ୍ୟିକ, କବି ଓ ଲେଖକ ଥିଲେ ବୋଲି ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସିହୋପଡ଼ାଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ଓଳାଭର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସୁରେଶ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥିଭାବେ ରାଜକନିକା ବ୍ଲକ ଯାଦବ ମହାସଭାର ସମ୍ପାଦକ ମନୋଜକୁମାର ପରିଡା, ଯୁବ ଶ୍ରମିକ ନେତା ଖଗେନ୍ଦ୍ର ବେହେରା ଓ ଭରତଚନ୍ଦ୍ର ସମାଜସେବା ଟ୍ରଷ୍ଟର ସଭାପତି ଶିବରାମ ଦାସ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ କେନ୍ଦ୍ରାପଡା ପଞ୍ଚାୟତ ସମିତିର ଅଧକ୍ଷ ଅନାମ ବନ୍ଧୁ ଧଳ ଯୋଗଦେଇଥିଲେ। ଶିକ୍ଷାବିତ୍ ଶିବ ପ୍ରସାଦ ଜେନା ଏଥିରେ ଅଧକ୍ଷତା କରିଥିଲେ।

# ନଜର ଆଢୁଆଳରେ ଶ୍ରୀଦଧିବାମନଜୀଉଙ୍କ ମନ୍ଦିର

**କେନ୍ଦ୍ରାପଡା ଅଫିସ, ୨୨।୯**



ଚଉଦକୁଳାଟସ୍ଥିତ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର।

- ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି
- ପ୍ରଶାସନିକ ଅବହେଳା ଯୋଗୁ ହେଉନି ଉନ୍ନତୀକରଣ

ପଟ୍ଟାମୁଣ୍ଡାଇ ବ୍ଲକ ଚଉଦକୁଳାଟସ୍ଥିତ ତମାଳ କ୍ଷେତ୍ରାଧିପତି ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରକୁ ୨୦୧୬ରୁ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ମାତ୍ର ୧୫୦ ବର୍ଷରୁ ଅଧିକ ସମୟ ଧରି ପ୍ରତିଷ୍ଠିତ ଶ୍ରୀଜୀଉଙ୍କ କ୍ଷେତ୍ର ଅଦ୍ୟାବଧି ଉନ୍ନତୀକରଣ ହେଉନାହିଁ । ପ୍ରଶାସନର ଏଭଳି ଅବହେଳା ଯୋଗୁ ଏହି କ୍ଷେତ୍ର ପର୍ଯ୍ୟଟକଙ୍କ ନଜର ଆଢୁଆଳରେ ରହିଯାଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ଶ୍ରୀଜୀଉଙ୍କ ସେବାୟତ ଚଉଦକୁଳାଟର କିଶୋର ଚନ୍ଦ୍ର ମିଶ୍ର ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ କୁହନ୍ତି, ପ୍ରାୟ ୧୫୦ ବର୍ଷ ପୂର୍ବେ ଜୈନିକ କୈବର୍ତ୍ତର ଜାଲରେ ମାଛ ସହ କାଠ ଗଣ୍ଡି ଭଳି ଏକ ସାମଗ୍ରୀ ପଡ଼ିଥିଲା । ସେହି କୈବର୍ତ୍ତ କାଠକୁ ହାଣୁଥିବା ବେଳେ ସେଥିରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା । ଏହି ଘଟଣା ପରେ ଉକ୍ତ କାଠକୁ ଶ୍ରୀ ଦଧିବାମନଜୀଉ ଭାବେ ତମାଳକ୍ଷେତ୍ରରେ ପୂଜା କରାଯାଉଛି । ତେବେ ଘାଘରାର ତତ୍କାଳୀନ ରାଉତରାୟ ଜମିଦାର ପରିବାରଙ୍କ ଦ୍ୱାରା ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିବା ବିଶ୍ୱାସ କରାଯାଏ । ସେହିପରି ଚଉଦକୁଳାଟ ଗ୍ରାମର ଶରତ ଚନ୍ଦ୍ର ମିଶ୍ରଙ୍କ କହିବାନୁସାରେ ଜନଶ୍ରୁତି ଅନୁଯାୟୀ,କାଶିଆ ମୁହାଣରୁ ଦଧିବାମନଜୀଉଙ୍କୁ ଉଦ୍ଧାର କରାଯାଇଥିଲା । ଏବେ ମନ୍ଦିରର ଆଖପାଖରେ କାଶିଆ ମୁହାଣ ନାହିଁ। ଏ ସମ୍ପର୍କରେ ଅନେକ ରହସ୍ୟ ରହିଛି । କାରୁକାର୍ଯ୍ୟ ବିମଣ୍ଡିତ ଏହି ସୁଦୃଶ୍ୟ ମନ୍ଦିର ମଧ୍ୟରେ ଥିବା ରତ୍ନବେଦୀରେ ଅର୍ଦ୍ଧନିର୍ମିତ ଶଙ୍ଖ ଓ ଚକ୍ର ଚିହ୍ନ ଶୋଭାପାଉଛି । ଏ ସମ୍ପର୍କରେ ଗବେଷଣା କଲେ ବହୁ ତଥ୍ୟ ପଦାକୁ ଆସିବ । ଏହି ତମାଳକ୍ଷେତ୍ରକୁ ଗୁପ୍ତକ୍ଷେତ୍ର ଭାବେ କୁହାଯାଉଥିବା ବେଳେ ଏହାର ପ୍ରଭାବ ପ୍ରସାର ଅବିଭକ୍ତ କଟକ ଜିଲା ପର୍ଯ୍ୟନ୍ତ ରହିଛି ବୋଲି ମିଶ୍ର କହିଛନ୍ତି। ଶ୍ରୀ ଦଧିବାମନଜୀଉଙ୍କୁ ଦର୍ଶନ କରିବା ଅନେକ ସମୟରେ ଭକ୍ତ ଭିଡ଼ ଲାଗି ରହିଥାଏ । ପୁରୀ ଶ୍ରୀମନ୍ଦିରର ରୀତିନୀତି ଓ ପରମ୍ପରା ସହ ଏହି ମନ୍ଦିରର ଅନେକ ସାମଞ୍ଜସ୍ୟ ରହିଛି ବୋଲି ଗ୍ରାମର ପ୍ରମୋଦ କୁମାର ମିଶ୍ର କୁହନ୍ତି। ପାରମ୍ପରିକ ରୀତିନୀତି ଅନୁସାରେ ଏଠାରେ ବୈଶାଖ ସଂକ୍ରାନ୍ତି ଠାରୁ ପର୍ବପର୍ବାଣୀ ଆରମ୍ଭ ହୋଇଥାଏ ବୋଲି ସେ କହିଛନ୍ତି। ଏସବୁ ପର୍ବପର୍ବାଣୀ ଦେଖିବା ପାଇଁ ମନ୍ଦିରରେ ଆଖପାଖ ଅଞ୍ଚଳ ଓ ଜିଲାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ବାମନ ଜନ୍ମ ତିଥିରେ ଏକ ସ୍ୱତନ୍ତ୍ର ନୀତି ବଳିବାମନ ବେଶ ଶ୍ରୀଜୀଉ ଧାରଣ କରିଥାନ୍ତି। ଏହାକୁ ଦେଖବାକୁ ବହୁ ଭକ୍ତଙ୍କ ଭିଡ଼ ଜମିଥାଏ । ଏହି କ୍ଷେତ୍ରକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଥିଲେ ମଧ ରାଜ୍ୟ ସରକାରଙ୍କ ଠାରୁ ଆର୍ଥିକ ସହାୟତା ଓ ଭିତ୍ତିଭୂମୀର ବିକାଶ ପାଇଁ ସେମିତି କିଛି କାର୍ଯ୍ୟକ୍ରମ ହାତକୁ ନିଆଯାଇନାହିଁ ବୋଲି ରାଜକିଶୋର ମିଶ୍ର କହିଛନ୍ତି। ମନ୍ଦିରର ଷ୍ଟିଅରିଂ କମିଟିର ସଦସ୍ୟ ଦେବାଶିଷ ମହାନ୍ତି କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକାକୁ ଯିବା ରାସ୍ତାରୁ ମାତ୍ର ୬ କିଲୋମିଟର ଦୂରରେ ରହସ୍ୟାଧିପତି ଶ୍ରୀ ଦଧିବାମନଜୀଉଙ୍କ କ୍ଷେତ୍ର ରହିଛି। ଶ୍ରୀବଳଦେବଜୀଉଙ୍କ ମନ୍ଦିର ନିକଟରୁ ଏହା ମାତ୍ର ୨୦ କିଲୋମିଟର ଦୂରରେ ରହିଛି । ପର୍ଯ୍ୟଟନ କ୍ଷେତ୍ରର ଉନ୍ନୟନ ପାଇଁ ପୂର୍ବରୁ ଅନୁଦାନ ଆସିଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ ହୋଇନାହିଁ । ପର୍ଯ୍ୟଟନ ବିଭାଗ ଏହି କ୍ଷେତ୍ରର ଉନ୍ନତିକରଣ କରିପାରିଲେ ଜିଲାର ପର୍ଯ୍ୟଟନ ଶିଳ୍ପ ବିକଶିତ ହୋଇପାରିବ ବୋଲି ସେ କହିଛନ୍ତି । ଏଥିସହ ଜିଲା ପର୍ଯ୍ୟଟନ ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତିଦେବା ଲାଗି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କୁହନ୍ତି, ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ ।

### ଶ୍ରୀଜୀଉଙ୍କ ରଥଦାଣ୍ଡକୁ ମଦ, ଆଇଁଷମୁକ୍ତ କରିବାକୁ ଦାବି

**କେନ୍ଦ୍ରାପଡା ଅଫିସ, ୨୨।୯**

ପଟ୍ଟାମୁଣ୍ଡାଇ ବ୍ଲକ ଚଉଦକୁଳାଟସ୍ଥିତ ତମାଳଶାସନ କ୍ଷେତ୍ରାଧିପତି ଶ୍ରୀ ଦଧିବାମନଜୀଉଙ୍କ କ୍ଷେତ୍ରକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ଏହାସତ୍ତ୍ୱେ ଏହି କ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଶ୍ରୀଜୀଉଙ୍କ ରଥଦାଣ୍ଡରେ ମଦ ଦୋକାନ ଓ ଏକ ଚିକେନ ସେଣ୍ଟର ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାକୁ ହଟାଇବା ପାଇଁ ଚଉଦକୁଳାଟ ପାଣ୍ଡିରେ ଅଭିଯୋଗ କରାଯାଇଛି। ଏଥିସହ ଏହି ସ୍ଥାନରୁ ଜବରଦଖଲ ହଟାଇବା ପାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରଥଦାଣ୍ଡରେ ଅବାଧ ଭାବରେ ଗାଇଗୋରୁ ବନ୍ଧାକୁ ବନ୍ଦ କରିବା ପାଇଁ ଦାବି କରାଯାଇଛି। । ତୁରନ୍ତ ଏନେଇ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସରକାରୀ ଜମିରୁ ବେଆଇନ ଗଛକଟା

**ମହାକାଳପଡା, ୨୨।୯ (ଡି.ଏନ୍.ଏ.)**

### ୧୧୨ ଖଣ୍ଡ କାଠ ଜବତ



ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ଅନ୍ତର୍ଗତ ପିତାପାଟ ଗ୍ରାମରେ ଜବରଦଖଲରେ ଥିବା ଏକ ସରକାରୀ ଜମିରୁ ରବିବାର ୧୧୨ କାଠ ଖଣ୍ଡ ଜବତ କରାଯାଇଛି। ଖବରପାଇ ରାମନଗର ରାଜସ୍ୱ ନିରୀକ୍ଷକ ଅଲେଖଚନ୍ଦ୍ର ତରାଇ ଘଟଣାସ୍ଥଳରେ ପହଞ୍ଚି କଟା ହୋଇଥିବା ଗଛଗୁଡିକୁ ଜବତ କରି ନିଜ ହେପାଜତରେ ନେଇଛନ୍ତି। ସେହି ସରକାରୀ ଜମିରେ ଥିବା ୩୦ରୁ ଊର୍ଦ୍ଧ୍ୱ ଆକାଶି ଓ ଚାକୁଣ୍ଡା ଆଦି ଗଛକାଟି ଦିଆଯାଇଥିବା ସୂଚନା ମିଳିଛି। ମହାକାଳପଡା ବନାଞ୍ଚଳ ଅଧିକାରୀ ବିଜୟ କୁମାର ପରିଡାଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସଞ୍ଜୀବ କୁମାର ଦାସ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିଲା। ସୂଚନାଯୋଗ୍ୟ, ରାମନଗର ପଞ୍ଚାୟତରେ ଅନେକ ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ସେଠାରେ ଥିବା ଗଛଗୁଡିକୁ କାଟି ଜବରଦଖଲକାରୀମାନେ ଅର୍ଥ ରୋଜଗାର କରୁଥିବା ସୂଚନା ମିଳିଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

### ଡିଲର ପାଖରେ କାର୍ଡ, ମିଳୁନାହିଁ ରାଶନ ସାମଗ୍ରୀ

**କେନ୍ଦ୍ରାପଡା ଅଫିସ, ୨୨।୯**

ଡିଲର ରାଶନକାର୍ଡ ମାଗି ନେଇଥିଲେ । ଫେରାଉ ନାହାନ୍ତି। ୬ ଜଣ ହିତାଧିକାରୀଙ୍କ ବଦଳରେ ୪ ଜଣଙ୍କର ରାସନ ସାମଗ୍ରୀ ଦେଉଛନ୍ତି । ଏପରି ଅଭିଯୋଗ ମାର୍ଶାଘାଇ ବ୍ଲକ କରିଲୋପାଟଣା ପଞ୍ଚାୟତ ଭୋଦେଇ ଗ୍ରାମର ଜନ୍ମେଜୟ ପାତ୍ର ଜିଲାପାଳଙ୍କ ନିକଟରେ ଶନିବାର କରିଛନ୍ତି । ଏସମ୍ପର୍କରେ ପାତ୍ର କୁହନ୍ତିଯେ, ସଂପୃକ୍ତ ଡିଲର କେବଳ ତାଙ୍କର ନୁହେଁ ୪୦ରୁ ଅଧିକ ହିତାଧିକାରୀଙ୍କ କାର୍ଡକୁ ନେଇ ରାସନ ସାମଗ୍ରୀ ହଡପ କରୁଛନ୍ତି । ଏସମ୍ପର୍କରେ ସରପଞ୍ଚ, ବିଡିଓଙ୍କୁ ଅଭିଯୋଗ ହୋଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏନେଇ ତଦନ୍ତ ହେଲେ ରାସନ ସାମଗ୍ରୀ ହଡପ ଘଟଣା ପଦାକୁ ଆସିବ । ଜିଲାପାଳ ସମର୍ଥ ବର୍ମା ଏହି ଘଟଣାର ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଅଭିଯୋଗକାରୀ ପାତ୍ର ପ୍ରକାଶ କରିଛନ୍ତି।

## ପଲିଥିନ ଛାଡିବା, ସୁସ୍ଥ ପରିବେଶ ଗଢ଼ିବା




ସାଇକେଲ ରାଲିକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

**କେନ୍ଦ୍ରାପଡା ଅଫିସ, ୨୨।୯**

କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ପଲିଥିନ ବର୍ଜନ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ସହରର ପୁରୁଣା ବସଷ୍ଟାଣ୍ଡରେ ଆୟୋଜିତ ସାଇକେଲ ରାଲିକୁ ମୁଖ୍ୟଅତିଥିଭାବେ ଜିଲାପାଳ ସମର୍ଥ ବର୍ମା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ ପରିବେଶ ଉପରେ ପଲିଥିନର ପ୍ରଭାବ ସମ୍ପର୍କରେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ସାଇକେଲ ରାଲିରେ ଯୋଗଦେଇ ପଲିଥିନ ବର୍ଜନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

## ଛାତ୍ରୀଙ୍କ ଆତ୍ମହତ୍ୟା

**କଟକ ଅଫିସ, ୨୨।୯**

କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ମିଶନରୋଡ ଅଞ୍ଚଳର ଏକ ହଷ୍ଟେଲ ଛାତରେ ଶନିବାର ବିଳମ୍ବିତ ରାତିରେ ଜଣେ ଛାତ୍ରୀ ବେକରେ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କେନ୍ଦ୍ରାପଡା ଜିଲା ଗଉଡଗାଁର ଅର୍ପିତା ରାଉତ(୧୭)। ସେ ଇମର୍ତୀଦେବୀ କଲେଜ ଯୁକ୍ତ ୨କଳା ଦ୍ୱିତୀୟ ବର୍ଷର ଛାତ୍ରୀଥିବାବେଳେ କଟକର ଏକ ଘରୋଇ ହଷ୍ଟେଲରେ ରହୁଥିଲେ। ଅର୍ପିତା ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ପୋଲିସ କହିଛି। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି।

ପୋଲିସ ସୂଚନା ଅନୁଯାୟୀ, ଅର୍ପିତା ଗତ ୩ମାସ ହେବ ଉକ୍ତ ହଷ୍ଟେଲରେ ରହୁଥିଲେ। ସେଠାରେ ସେ କାହାସହ ଅଧିକ ମିଳାମିଶା କରୁ ନ ଥିବାବେଳେ ଅଧିକାଂଶ ସମୟ ଈଶ୍ୱରଙ୍କ ନାମ ଜପ କରୁଥିଲେ। ତାଙ୍କୁ ଈଶ୍ୱର ଦେଖା ଦେଉଛନ୍ତି, ସେ ତାଙ୍କ ସହ କଥା ହେଉଛନ୍ତି ବୋଲି ଅବିଶ୍ୱସନୀୟ କଥା କହୁଥିବା ଅର୍ପିତାଙ୍କ ବାନ୍ଧବୀମାନେ ପୋଲିସ ନିକଟରେ ବୟାନ ଦେଇଛନ୍ତି। ତେବେ ଶନିବାର ରାତିରେ ହଷ୍ଟେଲରେ ସମସ୍ତେ ଶୋଇଥିଲେ। ଅର୍ପିତା ହଷ୍ଟେଲ ବାଲକୋନୀ ଛାତରେ ଥିବା ଏକ ହୁକ୍‌ରେ ଓଢଣି ବାନ୍ଧି ଝୁଲି ପଡିଥିଲେ। କିଛି ସମୟ ପରେ ହଷ୍ଟେଲରେ ରହୁଥିବା ଅନ୍ୟଜଣେ ଛାତ୍ରୀ ଅର୍ପିତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଅନ୍ୟମାନଙ୍କୁ ଡାକିଥିଲେ। ପରେ ହଷ୍ଟେଲ କେୟାରଟେକର ଏ ସମ୍ପର୍କରେ କ୍ୟାଣ୍ଟନମେଣ୍ଟ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ନଗର ବିଜେଡିର ସଦସ୍ୟତା ସଂଗ୍ରହ ଅଭିଯାନ

**କେନ୍ଦ୍ରାପଡା ଅଫିସ, ୨୨।୯**

କେନ୍ଦ୍ରାପଡା ନଗର ବିଜେଡି ପକ୍ଷରୁ ସଦସ୍ୟ ସଂଗ୍ରହ ଅଭିଯାନ ରବିବାର ଆରମ୍ଭ ହୋଇଛି । ଏଥିସହିତ ଏହି ଅଭିଯାନ ତ୍ୱରାନ୍ୱିତ ପାଇଁ ଗରାପୁର ଡାକବଙ୍ଗଳା ପରିସରରେ ବୈଠକ ହୋଇଛି । ନଗର ବିଜେଡି ସଭାପତି ଶ୍ରୀକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ଯୋଗଦେଇଥିଲେ । ଏହି ଅବସରରେ ପୌରାଞ୍ଚଳର ୫ଟି ୱାର୍ଡକୁ ନେଇ ଗୋଟିଏ କମିଟି କର ମୋଟ ୨୧ଟି ୱାର୍ଡରେ ୪ଟି କମିଟି ଗଠନ କରାଯାଇଥିଲା । ବୈଠକରେ ସ୍ନେହପ୍ରଭା ତ୍ରିପାଠୀ, ସବିତା ସାହୁ, ସଞ୍ଜୟ କୁମାର ଜେନା ଓ ଶକ୍ତିକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଆନ୍ତର୍ଜାତିକ ଶିଶୁ ଶାନ୍ତି ପୁରସ୍କାର ଦୌଡରେ ଶୁଭସ୍ମିତା ସାମିଲ ହେବାକୁ ନେଇ ବିବାଦ

## ୨ ଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ

**ରାଜନଗର, ୨୨।୯ (ଡି.ଏନ୍.ଏ)**

ଆନ୍ତର୍ଜାତୀକ ଶିଶୁ ଶାନ୍ତି ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ପେଣ୍ଠ ପ୍ରୋଜେକ୍ଟ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଶୁଭସ୍ମିତା ତ୍ରିପାଠୀ। ଏହି ପୁରସ୍କାର ପାଇବା ଦୌଡ଼ରେ ଦେଶର ୧୦ ଜଣ ଛାତ୍ରୀ ସାମିଲ ହୋଇଛନ୍ତି। ହେଲେ ଶୁଭସ୍ମିତା ଏହି ପୁରସ୍କାର ପାଇଁ ବିଶ୍ୱସ୍ତରରେ ଉପସ୍ଥାପନ କରିଥିବା ପ୍ରକଳ୍ପକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଶୁଭସ୍ମିତା ପଢୁଥିବା ସ୍କୁଲର ୯ ଛାତ୍ରୀଛାତ୍ର ଓ ଅଭିଭାବକ ରବିବାର ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଭାବକ ନମିତା ମଣ୍ଡଳ, ସସ୍ମିତା ମଣ୍ଡଳ, ରଞ୍ଜିତା ଗାଇନି ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ତ୍ରିପାଠୀ ଓ ସହକାରୀ ଶିକ୍ଷକ ସୌମ୍ୟରଞ୍ଜନ ସାହୁଙ୍କ ନାମରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସେମାନଙ୍କ ପିଲାମାନେ ପ୍ରତିଦିନ ସ୍କୁଲକୁ ଆସୁଥିଲେ। ମାତ୍ର ସେହି ସ୍କୁଲର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ପିଲାମାନଙ୍କୁ ନାଲି ଆଖି ଦେଖାଇ ଘରକୁ ପଠାଇ ଦେଉଥିଲେ। ଏହାପରେ ପ୍ରଧାନଶିକ୍ଷକଙ୍କ ଝିଅ ଶୁଭସ୍ମିତା ସେମାନଙ୍କ ଘରକୁ ଯାଇ ପିଲାମାନଙ୍କୁ ବୁଝାଇ ସ୍କୁଲକୁ ଆଣୁଥିଲେ। ହେଲେ ଶୁଭସ୍ମିତା ଗଣମାଧ୍ୟମକୁ ଭୁଲ୍ କଥା କହିଛନ୍ତି। ହେଲେ ମଇଁଷି, ଛେଳି ଚରାଉ ଥିବା ପିଲାଙ୍କୁ ବୁଝାଇ ସ୍କୁଲକୁ ଆଣି ପାଠ ପଢ଼ିବା ପାଇଁ ସହଯୋଗ କରିଥିବା ଶୁଭସ୍ମିତା ଗଣମାଧ୍ୟମକୁ କହିଥିଲେ। ଏଥିସହ ସେଭ ଦି ଚିଲ୍‌ଡ୍ରେନ ଓ ନେଚର୍ସ କ୍ଲବ ସହଯୋଗରେ ସେ ଏପରି କରିପାରି ଥିଲେ ବୋଲି ମତ ରଖିଥିଲେ, ଯାହା ସମ୍ପୂର୍ଣ୍ଣ ମିଥ୍ୟା। ସେହିପରି ସ୍କୁଲ ଶିକ୍ଷକମାନେ ମାଡ଼ ମାରିବା ଭୟ ଦେଖାଇ ପିଲାମାନଙ୍କୁ ଗଣମାଧ୍ୟମ ଆଗରେ ଶୁଭସ୍ମିତାଙ୍କ ସପକ୍ଷରେ କହିବାକୁ ବାଧ୍ୟ କରିଥିଲେ ବୋଲି ସେହି ସ୍କୁଲର ୯ଜଣ ପିଲା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଶୁଭାସ୍ମିତାଙ୍କ ବାପା ବିରଞ୍ଚି ନାରାୟଣ ତ୍ରିପାଠୀଙ୍କୁ ପଚାରିବାରୁ ସେଭ ଦି ଚିଲଡ୍ରେନ୍ ସଂସ୍ଥା ସହ ମିଶି ଶୁଭସ୍ମିତା କାମ କରନ୍ତି ବୋଲି କହିଛନ୍ତି। ଏ ନେଇ ଆଇଆଇସି ତପନ କୁମାର ନାୟକଙ୍କୁ ପଚାରିବାରେ ଅଭିଯୋଗ ପାଇଛୁ। ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବୁ ବୋଲି କହିଛନ୍ତି।

### ■ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ
## ଦଳର ସତ୍ୟାଗ୍ରହ ଯୋଗୁ ଚାଷୀଙ୍କୁ ମିଳିବ କ୍ଷତିପୂରଣ



ସମ୍ମିଳନୀରେ ଯୋଗ ଦେଇଥିବା ଜିଲା କଂଗ୍ରେସ କର୍ମକର୍ତ୍ତା।

**କେନ୍ଦ୍ରାପଡା ଅଫିସ, ୨୨।୯**

ଜିଲା କଂଗେସର ସତ୍ୟାଗ୍ରହ ଫଳରେ ରାଜ୍ୟ ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଛି। ଏଥିଯୋଗୁ କେନ୍ଦ୍ରାପଡ଼ା ଜିଲାର ଫନୀ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିବ ବୋଲି ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ରବିବାର ସୂଚନା ଦିଆଯାଇଛି। ଗରାପୁରଠାରେ ଆୟୋଜିତ ଏହି ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ ବେହେରା କହିଛନ୍ତି, ଗତ ୨୦୧୮ ସେପ୍ଟେମ୍ବରରେ ଲଗାଣ ବର୍ଷା ହେବା ଯୋଗୁ ଜିଲା ଚାଷୀଙ୍କ ବହୁତ କ୍ଷତି ହୋଇଥିଲା। ଚାଷୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ପକ୍ଷରୁ ଘାଘରା ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରି ସତ୍ୟାଗ୍ରହ କରାଯାଇଥିଲା । ଏନେଇ ସେ ମାର୍ଚ୍ଚ ୨ରେ ଆମରଣ ଅନଶନ କରିଥିଲେ। ଫଳରେ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଏବେ ୧୯,୪୨,୫୮,୯୪୭ ଟଙ୍କା ସହାୟତା ରାଶି ମଞ୍ଜୁର ହୋଇଛି ବୋଲି ପୂର୍ବତନ ମନ୍ତ୍ରୀ ବେହେରା କହିଛନ୍ତି । ଏହାଦ୍ୱାରା ଜିଲାର ୪ ତହସିଲ ଅନ୍ତର୍ଗତ ୫୫ଟି ପଞ୍ଚାୟତର ୨୪୭ ଗ୍ରାମରେ ଥିବା ୭୮,୬୫୪ ଜଣ ଚାଷୀ ଉପକୃତ ହୋଇପାରିବେ ବୋଲି ସେ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେଉରା, ନଗରକଂଗ୍ରେସ ସଭାପତି ସୌମେନ୍ଦ୍ର ପୃଷ୍ଟି ଓ ଶରତ ବେହୁରା ପ୍ରମୁଖ ସାମିଲ ହୋଇଥିଲେ ।

### ■ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ
## ଶବ୍ଦ ପ୍ରଦୂଷଣ, ଆଇନ ଶୃଙ୍ଖଳାକୁ ଗୁରୁତ୍ୱ

**ପଟ୍ଟାମୁଣ୍ଡାଇ, ୨୨।୯ (ସ୍ୱ.ପ୍ର.)**



ବୈଠକରେ ପ୍ରଶାସନିକ ଅଧିକାରୀ, ଶାନ୍ତି କମିଟି ସଦସ୍ୟ ଓ ଅନ୍ୟମାନେ।

ଆଗାମୀ ଶାରଦୀୟ ଦୁର୍ଗାପୂଜାକୁ ସରସ ସୁନ୍ଦର କରିବା ସହିତ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଶୁକ୍ରବାର ଅପରାହ୍ନରେ ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟଠାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ତହସିଲଦାର ଶରତ କୁମାର ଗିରି ବୈଠକରେ ଅଧକ୍ଷତା କରିଥିଲେ। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ, ଏସ୍‌ପି ନୀତିଶେଖର, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ପୌରନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ଅଗ୍ନିଶମ ଅଧିକାରୀ ଗୋପବନ୍ଧୁ ସାହୁ, ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏଥିସହିତ ପଟ୍ଟାମୁଣ୍ଡାଇ ବଜାରର ୨୪ଟି ପୂଜା କମିଟି କର୍ମକର୍ତ୍ତା ଓ ଶାନ୍ତି କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ଶାନ୍ତି କମିଟି ସମ୍ପାଦକ ବିଜୟ କୁମାର ସାହୁ ପୂର୍ବ ଦୁର୍ଗାପୂଜା ବୈଠକର ବିବରଣୀ ପାଠ କରିଥିଲେ। ଆଇନ ଶୃଙ୍ଖଳା ପରସ୍ଥିତି, ଶବ୍ଦ ପ୍ରଦୂଷଣକୁ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ଆଲୋକୀକରଣ ବ୍ୟବସ୍ଥା, ପାନୀୟ ଜଳ, ସ୍ୱଚ୍ଛ ପରିବେଶ, ଟ୍ରାଫିକ ବ୍ୟବସ୍ଥା, ରାସ୍ତା ମରାମତି, ଅସ୍ଥାୟୀ ଗାଡ଼ି ପାର୍କିଂ ଓ ପୋଲିସ ପାଟ୍ରୋଲିଂ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂଜା ଉତ୍ସବ ଓ ଭସାଣି ବେଳେ ଜନଗହଳି ନିୟନ୍ତ୍ରଣ ପାଇଁ ବାଇପାସ, ମେଡିକାଲ ଛକ ଓ କେନାଲ ପୋଲ ଛକଠାରେ ୩ଟି ଅସ୍ଥାୟୀ ପୋଲିସ କଂଟ୍ରୋଲ ରୁମ୍ ଖୋଲିବା, ଖାଦ୍ୟ ପଦାର୍ଥ ଯାଞ୍ଚ କଡାକଡି କରିବା ସହ ମଦ ଦୋକାନ ବନ୍ଦ କରିବା ପାଇଁ ପୋଲିସ ଓ ଅବକାରୀ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଚଳିତବର୍ଷ ବ୍ଲକର କଟେରି ଦୁର୍ଗା, ବଙ୍ଗାଳୀ ସାହି, ପୋଖରିଆପଡା, ମହାବୀର, ବାଳକ ହନୁମାନ, ଲକ୍ଷ୍ମୀନାରାୟଣ, ଗୃହଲକ୍ଷ୍ମୀ, ରାମଅଭିଷେକ, ଦଶଅବତାର, ମା' ସନ୍ତୋଷୀ, ମା' ଶାରଳା, ନିତାଇ ଗୌର, ହରଗୌରୀ, ଲକ୍ଷ୍ମୀବରାହ, ମା' ଗାୟତ୍ରୀ, ହରପାର୍ବତୀ, ନୀଳମାଧବ, ମା' ଅନ୍ନପୂର୍ଣ୍ଣା, ହରିହର, ନୀଳକଣ୍ଠେଶ୍ୱର, ସୂର୍ଯ୍ୟଦେବତା, କୃଷ୍ଣବଳରାମ, ବନଦୁର୍ଗା, ନୃସିଂହନାଥ ଆଦି ୨୪ଟି ମଣ୍ଡପରେ ଦୁର୍ଗା ପୂଜା ଅନୁଷ୍ଠିତ ହେବ। ପ୍ରତି ପୂଜା ମଣ୍ଡପରେ ମହିଳା ପୋଲିସ ମୁତୟନ କରିବା ସହିତ କମିଟିର ଅନୁନ୍ୟ ୨ ଜଣ ସଦସ୍ୟ ଉପସ୍ଥିତ ରହିବା ପାଇଁ ସ୍ଥିର ହୋଇଥିଲା। ବୈଠକରେ ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ଭୋଳାନାଥ ପାଢୀ, ପୀତାମ୍ବର ମିଶ୍ର, କିଶୋର ସାହୁ, ପ୍ରତାପ ପାଢୀ, ରମେଶ ଦେ, ଗୋପୀନାଥ ତ୍ରିପାଠୀ, ବଜେନ୍ଦ୍ର ବର୍ମା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ତହସିଲଦାର ଗିରି ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**



## ମା'ଶାରଳାଙ୍କ ଶାରଦୀୟ ପାର୍ବଣ ଷୋଳପୂଜା ଆରମ୍ଭ

**ତିର୍ତ୍ତୋଲ,୨୨।୯(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ପ୍ରସିଦ୍ଧ ଝଙ୍କଡ଼ ଶାରଳା ଠାକୁରାଣୀଙ୍କ ଆଶ୍ୱିନ ଶାରଦୀୟ ପାର୍ବଣ ଷୋଳପୂଜା ରବିବାର ମୂଳାଷ୍ଟମୀରୁ ଆରମ୍ଭ ହୋଇଛି। ଏହି ଷୋଳଦିବସୀୟ ପାର୍ବଣ ପୂଜା ଆସନ୍ତା ୫ ତାରିଖ ଶନିବାର ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବ। ମହାଷ୍ଟମୀ ରାତିରେ ପାର୍ବଣର ଶେଷପୂଜା ସନ୍ଧିପୂଜା ଓ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ ପରେ ପାର୍ବଣ ପୂଜା ଶେଷ ହେବ। ଏହି ଉପଲକ୍ଷେ ପ୍ରତ୍ୟହ ପୂର୍ବାହ୍ନରେ ମନ୍ଦିର ପହଡ଼ ଖୋଲିବା ପରେ ନୈଷ୍ଠିକ ବ୍ରାହ୍ମଣମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଚଣ୍ଡିପାଠ, ଷୋଡ଼ଷ ଉପଚାର ପୂଜା ଓ ନୀତି ପୂଜା ଅନୁଷ୍ଠିତ ହେବ। ଏଥିସହ ପ୍ରତ୍ୟହ ନୀତି ନିର୍ଘଣ୍ଟ ଅନୁଯାୟୀ ପଞ୍ଜିକା ପାଠ କରାଯିବ। ପ୍ରତ୍ୟହ ମନ୍ଦିରରେ ସନ୍ଧ୍ୟା ଆଳତୀରେ ପ୍ରଚଳିତ ପ୍ରଥା ଅନୁଯାୟୀ ବିଭିନ୍ନ ପ୍ରକାର ବେଶ, ଚଣ୍ଡୀପାଠ, ଅର୍ଦ୍ଧରାତ୍ରରେ ଷୋଡ଼ଷ ଉପଚାର ପୂଜା ସହିତ ସମ୍ପୂର୍ଣ୍ଣ ସୁନା ବେଶ ଓ ହୋମକର୍ମ ସମ୍ପନ୍ନ କରାଯିବ। ପାର୍ବଣ ପୂଜାର ନବ ପତ୍ରିକା ତିଥିଠାରୁ ଦାଣ୍ଡଯାତ୍ରାରେ ମା'ଶାରଳାଙ୍କ ବିଜେ ପ୍ରତିମା ବିମାନ ଆରୋହଣ ପୂର୍ବକ ବିବିଧ ବାଦ୍ୟଧ୍ୱନୀ ସହ ଆଦ୍ୟ ବିଜେସ୍ଥଳୀ ପୁରାତନ ଲଣ୍ଡା ଦେଉଳ ପର୍ଯ୍ୟନ୍ତ ଅର୍ଦ୍ଧ ରାତ୍ରରେ ଗମନ କରିବେ। ପାର୍ବଣ ପୂଜାର ଷଷ୍ଠୀତିଥିଠାରୁ ମହାଷ୍ଟମୀ ସନ୍ଧ୍ୟାରେ ତିନିଦିନ ମହିଷ ମର୍ଦ୍ଦିନୀ ବେଶ ଓ ସୁନାବେଶ ପରେ କାଳିକା ବେଢ଼ା ପରିକ୍ରମା କରିବେ। ଏଥିନିମନ୍ତେ ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ 'କ୍ରିଟିକାଲ ଏରିଆ' ଘୋଷଣା ହେବାକୁ ଯାଉଛି ପାରାଦୀପ

# ବନ୍ଦ ହେବ ନୂତନ ଶିଳ୍ପାୟନ ବାଟ

**ପାରାଦୀପ, ୨୨।୯(ସ୍ୱ.ପ୍ର.)**

ବେଳ ଥାଉ ଥାଉ କେହି ଦୃଷ୍ଟି ଦେଲେନି। ଏବେ ନେଡିଗୁଡ କହୁଣୀକୁ ବହିଗଲାଣି। ବନ୍ଦର ଭିତ୍ତିକ ଶିଳ୍ପ ନଗରୀ ପାରାଦୀପରେ ସୃଷ୍ଟି ହୋଇଛି ଏଭଳି ଅବସ୍ଥା। ଗତ ୨୦ବର୍ଷ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ଏବଂ ଜଙ୍ଗଲ କ୍ଷୟ ପ୍ରତି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜଙ୍ଗଲ ବିଭାଗ ଦୃଷ୍ଟି ଦେଲାନି। ଫଳରେ ପାରାଦୀପ ଶିଳ୍ପାଞ୍ଚଳ ଏବେ 'କ୍ରିଟିକାଲ ଏରିଆ' ଭାବେ ଘୋଷଣା ହେବାକୁଯାଉଛି। ଏହା ହେଲେ ପାରାଦୀପରେ ନୂତନ ଶିଳ୍ପ ପ୍ରତିଷ୍ଠାର ବାଟ ଏକପ୍ରକାର ବନ୍ଦ ହୋଇଯିବ ବୋଲି କୁହାଯାଉଛି। ପ୍ରକାଶ ଯେ, ଅନିୟମିତ ବର୍ଷା, ପରିବର୍ତ୍ତିତ ଜଳବାୟୁ, ଅସନ୍ତୁଳନ ପରିବେଶକୁ ଆଖିଆଗରେ ରଖି ୨୦୧୫ରେ ୧୯୫ ଦେଶ ପ୍ୟାରିସ ରାଜିନାମାରେ ସ୍ୱାକ୍ଷର କରିଥିଲେ। ଉକ୍ତ ସମନ୍ୱିତ ରାଜିନାମାର ଆଭିମୁଖ୍ୟ ଥିଲା ସମସ୍ତେ ଜୈବବିବିଧତାର ସୁରକ୍ଷା, ପରିବେଶ ସନ୍ତୁଳନ ଓ ତାପମାତ୍ରା ନିୟନ୍ତ୍ରଣ ନିମନ୍ତେ ପର୍ଯ୍ୟାପ୍ତ ଜଙ୍ଗଲ ସୃଷ୍ଟି କରିବେ। ଜୀବାଶ୍ମ ଇନ୍ଧନ ବ୍ୟବହାରକୁ କମାଇବେ। ସେହି ରାଜିନାମାର ନିୟମାବଳି ୨୦୧୯ ଏପ୍ରିଲ ୧୯ରେ ସମସ୍ତ ୧୯୫ ଦେଶରେ ପହଞ୍ଚିଛି। ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏଥିପାଇଁ କେତେକ ନିୟମ ପରିବର୍ତ୍ତନ କରିବାକୁଯାଉଛି। ପୂର୍ବରୁ ଯେଉଁ ଅଞ୍ଚଳରେ ୭୦ ପ୍ରତିଶତ ପ୍ରଦୂଷଣ ହେଉଥିଲା ସେହି ଅଞ୍ଚଳକୁ ଅତ୍ୟଧିକ ପ୍ରଦୂଷିତ ବା 'କ୍ରିଟିକାଲ ଏରିଆ' ଘୋଷଣା କରାଯାଉଥିଲା। ବର୍ତ୍ତମାନ ଏହାକୁ ୬୦ ପ୍ରତିଶତ କରାଯାଇଛି। ଅର୍ଥାତ୍ ୬୦ ପ୍ରତିଶତରୁ ଅଧିକ ପ୍ରଦୂଷିତ ହେଉଥିବା ଅଞ୍ଚଳ 'କ୍ରିଟିକାଲ ଏରିଆ' ଘୋଷିତ ହେବ ଓ ସେଠାରେ ଆଉ କୌଣସି ନୂତନ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ନାହିଁ। ଏଭଳି ପ୍ରଦୂଷଣ ମାତ୍ରାକୁ ଦେଖିଲେ ରାଜ୍ୟ ପ୍ରଗତିର ମୁଖଶାଳା କୁହାଯାଉଥିବା ପାରାଦୀପର ସ୍ଥାନ ପ୍ରଥମେ ରହିବ। ତେଣୁ ପାରାଦୀପକୁ କ୍ରିଟିକାଲ ଏରିଆ ଭାବେ ଘୋଷଣା କରିବାକୁ ସରକାରୀ ଭାବେ କାଗଜପତ୍ର ପ୍ରସ୍ତୁତି ଚାଲିଛି। ସମ୍ଭବତଃ ଆସନ୍ତା ମାସେ ଭିତରେ ଏହି ଘୋଷଣା ହେବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୧୭ ଅକ୍ଟୋବରରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦେଶର ୮୮ ସହରକୁ ଅଧିକ ପ୍ରଦୂଷିତ ଅଞ୍ଚଳ ଭାବେ ଚିହ୍ନଟ କରି ରେଡ୍ ତାଲିକାଭୁକ୍ତ କରିଥିଲା। ଏଥିରେ ଥିବା ଓଡ଼ିଶାର ୪ ସ୍ଥାନ ମଧ୍ୟରେ ପାରାଦୀପ ରହିଛି। ୨୦୦୫ରେ ପାରାଦୀପର ପ୍ରଦୂଷଣ ମାତ୍ର ୬୯.୨୪ ପ୍ରତିଶତ ଥିଲା। ତା'ପରଠାରୁ ଆଉ ସର୍ଭେ ହୋଇନି। ଏବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସର୍ଭେ କରାଯାଇ ନ ଥିଲେ ମଧ୍ୟ ପ୍ରଦୂଷଣ ମାତ୍ରା ଅଧିକ ଥିବା କୁହାଯାଇଛି। ଏଭଳି ପ୍ରଦୂଷଣ ବୃଦ୍ଧି ପାଇଁ ବିଶେଷ କରି ଜଙ୍ଗଲ ବିଭାଗ ଦାୟୀ। କାରଣ ନିୟମ ଅଛି ଯେକୌଣସି ଶିଳ୍ପ ସଂସ୍ଥା ନିଜ ମୂଳ ଜାଗାର ୩୩ ପ୍ରତିଶତ ଅଞ୍ଚଳ ସବୁଜ ବଳୟ ସୃଷ୍ଟି କରିବା କଥା। କିନ୍ତୁ ପାରାଦୀପରେ ଥିବା ୧୫ ବୃହତ ଶିଳ୍ପ ସଂସ୍ଥା ମଧ୍ୟରୁ କେହି ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। ୨୦୧୮ରେ ଜଙ୍ଗଲ ବିଭାଗ ବିଧାନସଭା ହାଉସ କମିଟି ଆଗରେ ଯେଉଁ ରିପୋର୍ଟ ଦର୍ଶାଇଥିଲେ ସେଥିରେ ୧୮ ପ୍ରତିଶତ ବନୀକରଣ ହୋଇଥିବା ଉଲ୍ଲେଖ କରାଯାଇଥିଲା। ଏ ସମ୍ପର୍କରେ ଶିଳ୍ପ କର୍ତ୍ତୃପକ୍ଷଙ୍କୁ ପଚାରିଲେ ଉତ୍ତର ମିଳୁଛି ବନୀକରଣ ବା ସବୁଜ ବଳୟ ପାଇଁ ରାଜ୍ୟ ସରକାର ଜମି ଦେଉ ନାହାନ୍ତି। ଅନ୍ୟ କେତେକ ଦର୍ଶାଇଥାନ୍ତି ସେମାନେ ପୁରୀ, ଖୋର୍ଦ୍ଧା ଆଦି ଅଞ୍ଚଳରେ ଗଛ ଲଗାଇଛନ୍ତି। ତେଣୁ ଏଠାରେ ପ୍ରଶ୍ନ ଉଠେ ଶିଳ୍ପ ଗୋଟିଏ ସ୍ଥାନରେ, ବୃକ୍ଷରୋପଣ ଅନ୍ୟ ଗୋଟିଏ ସ୍ଥାନରେ ହେଲେ ପ୍ରଦୂଷଣ ନିୟନ୍ତ୍ରଣ ହେବ କିପରି। ୧୯୯୯ ମହାବାତ୍ୟାରେ ପାରାଦୀପରେ ବ୍ୟାପକ ସବୁଜ ବଳୟ ନଷ୍ଟ ହୋଇଥିଲା। ଇତିମଧ୍ୟରେ ୨୦ବର୍ଷ ବିତିଗଲାଣି, କିନ୍ତୁ କ୍ଷତିଗ୍ରସ୍ତ ହୋଇଥିବା ସବୁଜ ବଳୟ ଅଦ୍ୟାବଧି ଭରଣା ହୋଇପାରିନି। ଏ ସମ୍ପର୍କରେ ଜଙ୍ଗଲ ବିଭାଗ ସମ୍ପୂର୍ଣ୍ଣ ନୀରବ। ଏପରିକି ମହାନଦୀ ମୁହାଣ ଅଞ୍ଚଳରେ ଥିବା ସଂରକ୍ଷିତ ହେନ୍ତାଳ ବଣକୁ ୨୦୧୪ରୁ ଏ ପର୍ଯ୍ୟନ୍ତ କଟାଚାଲିଛି। ସେପଟେ କେନ୍ଦ୍ର ଓ ରାଜ୍ୟ ସରକାର ପାରାଦୀପରେ ଏକାଧିକ ନୂତନ ଶିଳ୍ପ ପ୍ରତିଷ୍ଠା ଓ ସମ୍ପ୍ରସାରଣ ପାଇଁ ଘୋଷଣା କରିଚାଲିଛନ୍ତି। ନୂତନ ଶିଳ୍ପ ମଧ୍ୟରେ ଦେଶର ବୃହତ ଶିଳ୍ପ ଜେଏସ୍‌ଡବ୍ଲ୍ୟୁର ଷ୍ଟିଲ ପ୍ଲାଣ୍ଟ, ଦୀପକ ଫର୍ଟିଲାଇଜର, ପ୍ଲାଷ୍ଟିକ ପାର୍କ, ପଲିପ୍ରପଲିନ ଡାଉନ ଷ୍ଟ୍ରିମ ଇଣ୍ଡଷ୍ଟ୍ରି ଆଦି ରହିଛି। ସମ୍ପ୍ରସାରଣରେ ପାରାଦୀପ ପୋର୍ଟର ୩ବର୍ଥ, ପିପିଏଲର ଆମୋନିଆ ନାଇଟ୍ରେଡ୍ ପ୍ଲାଣ୍ଟ, ତୈଳ ବିଶୋଧନାଗାରର କେତେକ ପ୍ରକଳ୍ପ ରହିଛି। କ୍ରିଟିକାଲ ଏରିଆ ଘୋଷଣା ହେବା ପରେ ଯଦି କାରଖାନା ପ୍ରତିଷ୍ଠା ପ୍ରସଙ୍ଗ ଆସେ ତେବେ କୋର୍ଟ କଚେରି ପର୍ଯ୍ୟନ୍ତ କେତେକ ବ୍ୟକ୍ତି ଓ ସଙ୍ଗଠନ ଯିବା ଏକ ପ୍ରକାର ନିଶ୍ଚିତ।

**ବର୍ଦ୍ଧିତ ପ୍ରଦୂଷଣର ପରିଣାମ**



■ ବ୍ୟାପକ ସବୁଜ ବଳୟ ନଷ୍ଟ, ନୂତନ ଜଙ୍ଗଲ ନାହିଁ

■ ଆଖି ବୁଜିଦେଇଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜଙ୍ଗଲ ବିଭାଗ

## ଟ୍ରକ୍ ମାଲିକ ସଂଘ ସାଧାରଣ ବୈଠକ

**ଜଗତ୍‌ସିଂହପୁର ଅଫିସ, ୨୨।୯**

ଗୋପାଳସାଗରସ୍ଥିତ ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ନୂତନ ସଭ୍ୟ ଗ୍ରହଣ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। କେହି ନୂତନ ସଭ୍ୟ ହେବା ପାଇଁ ଚାହିଁଲେ ୧,୦୦୦ ଟଙ୍କା ଦେବାକୁ ପଡିବ ବୋଲି କୁହାଯାଇଥିଲା। ସେହିପରି ପୁରୁଣା ସଭ୍ୟମାନେ ନବୀକରଣ ପାଇଁ ୫୦୦ ଟଙ୍କା ଦେବେ। ତେବେ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଆସନ୍ତା ୧ ତାରିଖରୁ ଆରମ୍ଭ ହେବ ବୋଲି ଦିନ ଧାର୍ଯ୍ୟ ହୋଇଥିଲା। ବୈଠକରେ ସରକାରୀ ନିର୍ଦ୍ଦେଶ ମାନିବା ଉପରେ ଆଲୋଚନା କରାଯାଇଥିଲା। ଜିଲାର ସମସ୍ତ ଛୋଟବଡ଼ ରାସ୍ତାରେ ସମାନ ସମୟରେ ନୋଏଣ୍ଟ୍ରି କରାଯିବାକୁ ଗାଡ଼ିମାଲିକମାନେ ମତବ୍ୟକ୍ତ କରିଥିଲେ। ଜିଲାର ବିଭିନ୍ନ ବ୍ଲକ ଏବଂ ଜଗତ୍‌ସିଂହପୁର ପୌର ପରିଷଦର ଟ୍ରକ୍ ମାଲିକ ନିରଞ୍ଜନ ପଣ୍ଡା, ବିବେକାନନ୍ଦ ବେହେରା, ବିଜୟ କୁମାର ସାମଲ, ସୁବୋଧ କୁମାର ଜେନା, ବିଜୟ କୁମାର ସାହୁ, ତାପସ କୁମାର ଜେନା, ରମେଶ କୁମାର ପରିଡ଼ା, ପ୍ରଣବ କୁମାର ମହାନ୍ତି, ରବୀନ୍ଦ୍ର ମହାନ୍ତି, ରବୀନ୍ଦ୍ର ସ୍ୱାଇଁ, ମନୋଜ ମୁଦୁଲି, ଅଶିତ ଖୁଣ୍ଟିଆ, ଏସ୍‌କେ ଫିରୋଜ୍, ଏସ୍‌କେ ଲୋକମନ୍ ଓ ନରେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ।

■ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

# ସଭ୍ୟ ସଂଗ୍ରହରେ ମିଳିତ ଉଦ୍ୟମ ଆବଶ୍ୟକ

**ନାଉଗାଁ, ୨୨।୯(ସ୍ୱ.ପ୍ର.)**

ସ୍ଥାନୀୟ ସୂର୍ଯ୍ୟମଣ୍ଡପ ପରିସରରେ ରବିବାର ନାଉଗାଁ ବ୍ଲକ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବ୍ଲକ ବିଜେଡି ସଭାପତି ସୁଜିତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ଅନୁଷ୍ଠିତ ବୈଠକରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା କଟକ-ବାରବାଟୀର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସୂତ୍ର ଉପରେ ଆଲୋକପାତ କରିଥିଲେ। ଏଥିସହ ନାଉଗାଁ ବ୍ଲକର ୧୬ ପଞ୍ଚାୟତର ପ୍ରତି ପରିବାରର ସଦସ୍ୟଙ୍କୁ ଦଳର ସଭ୍ୟ କରାଇବାକୁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଅତିକମ୍‌ରେ ୧୦ ହଜାରରୁ ଊର୍ଦ୍ଧ୍ୱ ସଭ୍ୟ ସଂଗ୍ରହ ନିମନ୍ତେ ସେ ପରାମର୍ଶ ଦେଇଥିଲେ। ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ମୁଖ୍ୟବକ୍ତା, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ସହବକ୍ତା, ଜିଲା ବିଜୁ କୃଷକ ସଙ୍ଗଠନ ସଭାପତି ପ୍ରକାଶ ବସ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ୱଚ୍ଛଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳକୁ ମଜଭୁତ କରିବା ନିମନ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଏଲିନା ଦାସ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ବ୍ଲକ ଯୁବ ସଭାପତି ପ୍ରତ୍ୟୁଷ ପରିଡ଼ା, ବ୍ଲକ କାର୍ଯ୍ୟକାରିଣୀ ସଭାପତି ପ୍ରଭୁଚରଣ ଦାସ, ବ୍ଲକ ମହିଳା ସଭାନେତ୍ରୀ ଗିତା ମହାନ୍ତି, ଯୁବନେତା ଅଜୟ ମହାନ୍ତି, ଦିଲୀପ ଲେଙ୍କା, ପ୍ରଦୀପ୍ତ ସ୍ୱାଇଁ, ନିଲମ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷ କରି ଯୁବ ଗୋଷ୍ଠୀ ଓ ମହିଳା ସଦସ୍ୟଙ୍କ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇଥିବା ବେଳେ ଜିଲା ସଭାପତି ଅମରେନ୍ଦ୍ର ଦାସଙ୍କ ଦେଖା ମିଳି ନ ଥିଲା। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ବ୍ଲକ ସଭାପତି ସୁଜିତ ମଲ୍ଲିକ କହିଛନ୍ତି ଯେ, ଜିଲା ସଭାପତି ଦାସଙ୍କର ଅନ୍ୟତ୍ର କାର୍ଯ୍ୟ ଥିବାରୁ ସେ ବୈଠକରେ ଯୋଗଦେଇ ପାରିନାହାନ୍ତି।



ବୈଠକରେ ଉପସ୍ଥିତ ବିଜେଡି ନେତା ଓ କାର୍ଯ୍ୟକର୍ତ୍ତା।

# ସିଦ୍ଧଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଶାରଦୀୟ ପାର୍ବଣ

**ନାଉଗାଁ,୨୨।୯(ସ୍ୱ.ପ୍ର.):** ଜଗତ୍‌ସିଂହପୁର ବ୍ଲକ ସରାପ୍ରୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ରବିବାର ଶାରଦୀୟ ପାର୍ବଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଥମ ଦିନରେ ମା' ସିଦ୍ଧିଦାତ୍ରୀଙ୍କୁ ବ୍ରାହ୍ମୀ (ସରସ୍ୱତୀ) ବେଶ କରାଯାଇଥିଲା। ପ୍ରଥମେ ଦେବୀ ଉତ୍‌ଥାପନ, ଶହସ୍ରକୁମ୍ଭାଭିଷେକ, ଚଣ୍ଡୀପାଠ ଆଦି କାରାଯିବା ସହିତ ଷୋଡ଼ଷଦିନାତ୍ମକ ପୂଜା ଆରମ୍ଭ କରାଯାଇଥିଲା। ମା'ଙ୍କ ଏହି ବେଶ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ଓ ସେବକମାନଙ୍କ ଦ୍ୱାରା କରାଯାଇଥିଲା। ଦଶହରା ପର୍ଯ୍ୟନ୍ତ ମା'ଙ୍କ ପ୍ରତ୍ୟେହ ବିଭିନ୍ନ ବେଶ ଅନୁଷ୍ଠିତ ହେବ। ଏଥିସହ ନୀତି ନିର୍ଘଣ୍ଟ ଅନୁସାରେ ପୂଜା କରାଯିବ। ମା'ଙ୍କ ଏହି ବେଶ ଦେଖିବାକୁ ସ୍ଥାନୀୟ ଅଞ୍ଚଳ ସମେତ ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥାଏ। ପ୍ରତ୍ୟେହ ମା'ଙ୍କ ପୀଠରେ ହେଉଥିବା ପାର୍ବଣ ଉତ୍ସବକୁ ଗ୍ରାମବାସୀଙ୍କ ସମେତ ଆଶ୍ରମବାସୀ ଓ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ପରିଚାଳନା କରୁଛନ୍ତି।



# ବନ୍ଦରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବିରେ ସମାବେଶ

**ବାଲିକୁଦା, ୨୨।୯(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ମରିଚପୁର ପଞ୍ଚାୟତର ବନ୍ଦର ସାମୁଦ୍ରିକ ଅଞ୍ଚଳକୁ ପର୍ଯ୍ୟଟସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଛି। ଏନେଇ ରବିବାର ମା' ବନ୍ଦରେଇଙ୍କ ପ୍ରାଙ୍ଗଣରେ ଏକ ଜନ ସମାବେଶ କରାଯାଇଥିଲା। ମରିଚପୁରର ପୂର୍ବତନ ସରପଞ୍ଚ ସଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ତଳମାଳ ବିକାଶ ମଞ୍ଚ ସଭାପତି ଡା. ଶଶାଙ୍କ ଶେଖର ସାହାଣୀ, ବରମୁଣ୍ଡଳି ସରପଞ୍ଚ ନିରଞ୍ଜନ ପଣ୍ଡା, ଉମେଶ ସ୍ୱାଇଁ, ମନୋଜ ଶୁକ୍ଳା, ଅକ୍ଷୟ ବେହେରା, ସୁରେନ୍ଦ୍ର ସ୍ୱାଇଁ, ଯୁଧିଷ୍ଠିର ନାୟକ, ବନ୍ଧୁଚରଣ ନାୟକ, ଅରୁଣ ପଲାଉରୀ, ଆଲୋକ ବେହେରା ପ୍ରମୁଖ ଯୋଗଦେଇ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଲେ ଏହି ଅଞ୍ଚଳର ବିକାଶ ହେବା ସହ ସ୍ଥାନୀୟ ଲୋକେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ। ରମେଶ ଚନ୍ଦ୍ର ବହିରା ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କିଶୋର କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଦିଲୀପ ବେହେରା, ହରିଶ ନାୟକ, ସନ୍ତୋଷ ନାୟକ, ମାନସ ମହାନ୍ତି, ଦିବାକର ସେନାପତି, ପ୍ରବୀର କାଣ୍ଡି, ସଞ୍ଜୟ ବାରିକ, ସଂଗ୍ରାମ ଜେନା, ଅଲେଖ ବେହେରା, ସୁବ୍ରତ ବାରିକ ପ୍ରମୁଖ ସମାବେଶ ପରିଚାଳନା କରିଥିଲେ। ସୋମବାର ମା' ବନ୍ଦରେଇଙ୍କ ପୀଠରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ବାଲିକୁଦା ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଯିବ ବୋଲି ଏଥିରେ ନିଷ୍ପତ୍ତି ହୋଇଥିଲା। ଏଥିସହ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବିରେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁ ନନ୍ଦନ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ପ୍ରସ୍ତାବ ଗୃହିତ ହୋଇଥିଲା।




ସମାବେଶରେ ଉପସ୍ଥିତ ଜନପ୍ରତିନିଧି ଓ ସ୍ଥାନୀୟ ଲୋକେ।

# ଲେଭଲକ୍ରସିଂରେ ଓଭର ବ୍ରିଜ୍ ପାଇଁ ସର୍ଭେ

**କୁଜଙ୍ଗ,୨୨।୯(ସ୍ୱ.ପ୍ର)**

କୁଜଙ୍ଗ ବାଲିତୁଠ ରାସ୍ତାର ପାଟପୁର ବଜାର ସନ୍ନିକଟରେ କଟକ-ପାରାଦୀପ ରେଳପଥ ଯାଇଛି। ଏହି ରାସ୍ତାର ପାଟପୁର ଲେଭଲକ୍ରସିଂରେ ରେଳ ଫାଟକ ଦୀର୍ଘ ସମୟ ଧରି ପଡିରହୁଥିବାରୁ ରାସ୍ତାରେ ଟ୍ରାଫିକ ଜାମ ହୋଇଯାଉଛି। ତେଣୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବି ହେଉଥିଲା। ବିଶେଷକରି ଦିନ ୧୦ଟାରେ ଫାଟକ ପଡିବା ଯୋଗୁ କେବଳ ସରକାରୀ କର୍ମଚାରୀ ନୁହନ୍ତି, ଆମ୍ବୁଲାନ୍ସ ଓ ଦମକଳ ଗାଡି ଆଦି ଚଳାଚଳରେ ବାଧା ସୃଷ୍ଟି ହେଉଥିଲା। ଶିକ୍ଷାବିତ୍ ନିଶାକର ମୁଦୁଲି, ଶ୍ରମିକନେତା ଆଇନଜୀବୀ ପଦ୍ମଲୋଚନ ଦାଶ, ପାଟପୁର ସରପଞ୍ଚ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସମିତିସଭ୍ୟା ସଞ୍ଜୁକ୍ତା ସାମନ୍ତରାୟଙ୍କ ସହ ବହୁ ବରିଷ୍ଠ ନାଗରିକ ଖୋର୍ଦ୍ଧାର ରେଳବାଇ ଡିଭିଜନଙ୍କୁ ଏଠାରେ ଏକ ଓଭର ବ୍ରିଜ୍ ନିର୍ମାଣ ପାଇଁ ଦାବି କରିଆସୁଥିଲେ। ସେହି ଅନୁଯାୟୀ, ଶୁକ୍ରବାର ଏହି ଲେଭଲକ୍ରସିଂ ଉଭୟ ପାର୍ଶ୍ୱରେ ସର୍ଭେ କରାଯାଇଛି। ଏହାକୁ ନେଇ ଶିକ୍ଷାବିତ୍ ନିଶାକର ମୁଦୁଲି ରେଳବାଇ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ମୁଦୁଲି ପାଟପୁରରୁ ବଡ଼ବନ୍ଧ ରେଳ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ରେଲୱେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଧାନ କିସମରେ ନୂତନ ପଦ୍ଧତି ଆଣିବ ସଫଳତା

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ଧାନଚାଷରେ ନୂତନ ପଦ୍ଧତି ଅବଲମ୍ବନ ଦ୍ୱାରା ହିଁ ବିଭିନ୍ନ କିସମ ଲାଗି ସଫଳତା ଆଣିପାରିବ। ଭାରତୀୟ କୃଷି ଗବେଷଣା ପରିଷଦ(ଆଇସିଏଆର୍)ର 'ଫାର୍ମର ଫାଷ୍ଟ ସ୍କିମ୍' ଦ୍ୱାରା ନିଆଯାଇଥିବା ପଦକ୍ଷେପ କୃଷକଙ୍କ ଉତ୍ପାଦନ ବଢ଼ାଇବାରେ ସହାୟକ ହୋଇପାରିଛି। ଏହାର ଜ୍ୱଳନ୍ତ ଉଦାହରଣ କଟକ ଜିଲାରେ ଦେଖିବାକୁ ମିଳିଛି। ସାଲେପୁର ବ୍ଲକ୍ ଅନ୍ତର୍ଗତ ସତ୍ୟଭାମାପୁର, ଲକ୍ଷ୍ମୀନାରାୟଣପୁର, ବିଶ୍ୱନାଥପୁର, ଗଣେଶ୍ୱରପୁର ସମେତ ୧୦ ଗ୍ରାମରେ ୨୫ରୁ ଅଧିକ ଅମଳକ୍ଷମ ଧାନ କିସମ ଦୀର୍ଘ ତିନିବର୍ଷ ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଥିଲା। ସେହିପରି ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଚାଷୀଭିତ୍ତିକ କାର୍ଯ୍ୟକ୍ରମରେ ବଡ଼ମ୍ବା ନିକଟବର୍ତ୍ତୀ ମଙ୍ଗରାଜପୁର, ସୁନାପାଲି, ଗୋପପୁର, ଗମେଇ, ଦେଓଳୀ ଗ୍ରାମରେ ୧୨ କିସମର ଧାନ ବିହନ 'ମୋର ଗ୍ରାମ ଓ ମୋର ଗୌରବ' ସ୍କିମ୍ ମାଧ୍ୟମରେ ଯୋଗାଇ ଦିଆଯାଇଥିଲା। ଏହିସବୁ ଗ୍ରାମରେ ନୂତନ ବିହନ ସହିତ ଅନ୍ୟ ସମ୍ପ୍ରସାରଣ ପ୍ରଣାଳୀ ଓ କିସମ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ସହ ଆଲୋଚନା କରାଯାଇଥିଲା। ଅଭିନବ ସମ୍ପ୍ରସାରଣ ପଦ୍ଧତି ଦ୍ୱାରା ଚାଷୀଙ୍କୁ ପୁସ୍ତିକା ଯୋଗାଇଦେବା ସହ ମୋବାଇଲ୍ ଆପ୍ ଦ୍ୱାରା ଧାନଚାଷ ସମ୍ବନ୍ଧରେ ବୁଝାଇ ଦିଆଯାଇଥିଲା। ରେଡିଓ, ଟେଲିଭିଜନ, ଖବରକାଗଜ ମାଧ୍ୟମରେ ବିହନ କିସମଗୁଡ଼ିକର ପ୍ରଚାର ପ୍ରସାର କରାଯାଇଥିଲା।

ଏହି ପ୍ରଶିକ୍ଷଣ ବେଳେ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ସାଲେପୁର ଅଞ୍ଚଳରେ ସମସ୍ତ ୨୫ କିସମ ମଧ୍ୟରୁ ୭ ଧାନ କିସମ ଆଖପାଖ ଅଞ୍ଚଳରେ ଆଦୃତ ହୋଇଛି। ସେଥିମଧ୍ୟରୁ ମଝିଆଳିଆ ଜମିରେ ମଉଡମଣି, ଖାଲ ଜମିରେ ପ୍ରଧାନ ଧାନ, ସିଆର ଧାନ ୫୦୭, ସିଆର ଧାନ ୫୦୮, ସିଆର ଧାନ ୫୦୦ ଏବଂ ଉଚ୍ଚ ଜମିରେ ସିଆର ଧାନ ୧୦୧ (ଅଙ୍କିତ୍), ସିଆର୍ ଧାନ ୨୦୩ ରହିଛି। ସେହିପରି ମଙ୍ଗରାଜପୁର ଅଞ୍ଚଳରୁ ଆରମ୍ଭ ହୋଇ ମଉଡ଼ମଣି, ସିଆର ଧାନ ୬୦୧, ଅଙ୍କିତ୍, ସିଆର ଧାନ ୫୦୦, ପ୍ରଶାନ୍ତ, ସିଆର ଧାନ ୨୦୨ ଇତ୍ୟାଦି ବଡ଼ମ୍ବା ଓ ଆଠଗଡ଼ ଅଞ୍ଚଳରେ ଅଧିକ ଅମଳକ୍ଷମ ହୋଇପାରିଛି।

ବଡମ୍ବାର ୫ ଗ୍ରାମରେ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ର ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଡ. ଶରତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ଧାନଗୁଡିକ ଚାଷୀଙ୍କୁ ଦିଆଯାଇଥିଲା। ସେହିଭଳି ସାଲେପୁର ଅଞ୍ଚଳରେ ଡ. ଲିପି ଦାସ, ସୁମନ୍ତ ମିଶ୍ର ଓ ଶରତ କୁମାର ପ୍ରଧାନଙ୍କ ଦ୍ୱାରା ସ୍କିମ୍‌ଗୁଡ଼ିକ ସୁଚାରୁରୂପେ ପରିଚାଳନା କରାଯାଇଥିଲା, ଯାହା ବର୍ତ୍ତମାନ ଧାନଚାଷ କ୍ଷେତ୍ରରେ ସଫଳ କାହାଣୀ ସୃଷ୍ଟି କରିପାରିଛି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।




# ୟୁରିଆ ସାର ଅଭାବ, ଚିନ୍ତାରେ ଚାଷୀ

**କୁଜଙ୍ଗ, ୨୨।୯(ସ୍ୱ.ପ୍ର.)**

■ ଦୁଇ ସାର କାରଖାନା ଥାଇ ଲାଭ ନାହିଁ

■ ଗ୍ରାମାଞ୍ଚଳ ରିଟେଲରଙ୍କ ପାଖରେ ପହଞ୍ଚୁନି ସାର

କୁଜଙ୍ଗ ବ୍ଲକ୍‌ରେ ଦେଶର ଦୁଇ ଦୁଇଟି ନବରତ୍ନ ସାର କାରଖାନା ରହିଛି। ଏହା ସତ୍ତ୍ୱେ ଏଠାକାର ଚାଷୀଙ୍କୁ ସାର ମିଳୁନି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ବହୁ ଯୋଜନା କରୁଥିବାବେଳେ ତାହା କେବଳ କାଗଜପତ୍ରରେ ରହୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ପ୍ରକାଶ ଯେ, ଚଳିତ ଖରିଫ ଋତୁରେ କୁଜଙ୍ଗ ବଜାରରେ ୟୁରିଆ ସାର ଅଭାବ ଦେଖାଦେଇଛି। ଫଳରେ ଚାଷୀ ମହଲରେ ଚଡ଼କ ପଡ଼ିଛି। ବର୍ଷା ଅଭାବରୁ ବିଳମ୍ବରେ ଚାଷ ଆରମ୍ଭ କରିଥିବା ଚାଷୀମାନେ ଉପଯୁକ୍ତ ସମୟରେ ୟୁରିଆ ସାର ପାଉ ନ ଥିବାରୁ ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ସାର ପ୍ରକୃତରେ ବଜାରକୁ ଆସିପାରୁନାହିଁ କି କଳାବଜାର ହେଉଛି ତାହା ତଦନ୍ତ ସାପେକ୍ଷ। ଗତ ସପ୍ତାହ ଧରି ଏହି ସମସ୍ୟା ଲାଗିରହିଥିବା ବେଳେ ଆସନ୍ତା ଦିନରେ ଆବଶ୍ୟକ ଅନୁଯାୟୀ ଏହା ବଜାରରେ ଉପଲବ୍ଧ ନ ହେଲେ ଖରିଫ ଚାଷ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବ ବୋଲି ଚାଷୀମାନେ କହିଛନ୍ତି। କୁଜଙ୍ଗଠାରୁ ମାତ୍ର ୧୦ କିମି ଦୂରରେ ପିପିଏଲ ଓ ଇଫକୋ ପରି ଦୁଇଟି ବୃହତ୍ତ ସାର କାରଖାନା ରହିଥିବାବେଳେ ଦୀପ ତଳ ଅନ୍ଧାର ଭଳି ଏଠାକାର ଚାଷୀ ସାର ନ ପାଇବା ସରକାରୀ ବ୍ୟବସ୍ଥା ପ୍ରତି ଉପହାସ ହୋଇଛି।

କୁଜଙ୍ଗ ବ୍ଲକର ୨୮ ପଞ୍ଚାୟତରେ ମୋଟ୍ ୧୩,୫୪୭ ହେକ୍ଟର ଜମିରେ ଚଳିତ ବର୍ଷ ଖରିଫ ଚାଷ କରାଯାଇଛି। ଅନିୟମିତ ତଥା ବିଳମ୍ବିତ ବୃଷ୍ଟିପାତ, ତାଳଦଣ୍ଡା କେନାଲରେ ଆବଶ୍ୟକ ଜଳ ଅଭାବ ଆଦି କାରଣରୁ ରୁଆ ବେଉଷଣ କାର୍ଯ୍ୟ ପ୍ରାୟ ଦେଢମାସ ପଛେଇ ଯାଇଥିଲା। ଆଗ ରୁଆ ନଷ୍ଟ ହୋଇ ଯାଇଥିବାବେଳେ ଅନେକ ସ୍ଥଳରେ ଚାଷୀମାନେ ପଛରେ ତଳି ପକାଇ ପୁଣି ଏହାକୁ ରୁଆବେଉଷଣରେ ବ୍ୟବହାର କରିଥିଲେ। ଏହାର ପରବର୍ତ୍ତୀ ସମୟରେ ପୁଣି ବର୍ଷା ଅଭାବ ତଥା କେନାଲରେ ଜଳ ପ୍ରବାହ ନ ହେବାରୁ ଚାଷୀମାନେ ବିଭିନ୍ନ ଉତ୍ସରୁ ନିଜସ୍ୱ ଉଦ୍ୟମରେ ଜଳ ସଂଗ୍ରହ କରିଥିଲେ। କୌଣସି ପ୍ରକାରେ ଫସଲ ବଞ୍ଚାଇ ରଖିଥିବା ଚାଷୀମାନେ ଏବେ ୟୁରିଆ ସାର ପକାଇବା ସମୟ ଆସିଛି। ସୂଚନାଯୋଗ୍ୟ, କୁଜଙ୍ଗ ବ୍ଲକରେ ଖରିଫ ଋତୁରେ ୬ ରୁ ୭ ହଜାର ମେଟ୍ରିକ ଟନ ୟୁରିଆ ସାର ଆବଶ୍ୟକ ହୋଇଥାଏ। ଗତ ଜୁଲାଇ ମାସରୁ ବଜାରକୁ ୟୁରିଆ ସାର ଯୋଗାଣ କରାଯାଉଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଥିଲା। ଗତ ୩ ରୁ ୪ ଦିନ ମଧ୍ୟରେ ମାତ୍ର ୧୪ ଶହ ମେଟ୍ରିକ ଟନ ସାର କୁଜଙ୍ଗକୁ ଯୋଗାଣ କରାଯାଇଛି। ତେବେ ଆବଶ୍ୟକତାରୁ କମ ପରିମାଣର ସାର ଯୋଗାଣ କରାଯାଉଥିବାରୁ ଏହା ହୋଲସେଲ ବ୍ୟବସାୟୀଙ୍କ ନିକଟରେ ପହଞ୍ଚିବା ବେଳେକୁ ଶେଷ ହୋଇଯାଉଛି। ଫଳରେ ଗ୍ରାମାଞ୍ଚଳରେ ରହିଥିବା ରିଟେଲ ପଏଣ୍ଟରେ ସାର ପହଞ୍ଚି ପାରୁନି। ଫଳରେ ଚାଷୀ ସାର ପାଉନାହାନ୍ତି ବୋଲି କୁଜଙ୍ଗ କୃଷି ଅଧିକାରୀ ପ୍ରଦୋଷ କୁମାର ବେହେରା ପ୍ରକାଶ କରିଛନ୍ତି। ଆସନ୍ତା ଦିନରେ ପର୍ଯ୍ୟାପ୍ତ ପରିମାଣରର ସାର ଚାଷୀମାନଙ୍କ ପାଇଁ ଯୋଗାଣ କରା ନ ଗଲେ ଆଗାମୀ ଦିନରେ କୁଜଙ୍ଗରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନବନିର୍ମାଣ କୃଷକ ସଙ୍ଗଠନର କୁଜଙ୍ଗ ବ୍ଲକ ସଂଯୋଜକ ବିଷ୍ଣୁଚରଣ ସ୍ୱାଇଁ, ଦେବ ପଟ୍ଟନାୟକ, ଦେବେନ୍ଦ୍ର ମହାନ୍ତି, ଜାନକି ମହରାଥା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଜାଗୁଳାଇଙ୍କ ପୀଠରେ ଶାରଦୀୟ ପାର୍ବଣ



**ନାଉଗାଁ, ୨୨।୯(ସ୍ୱ.ପ୍ର.):** ତିହୁଡାସ୍ଥିତ ମା ଜାଗୁଳାଇଙ୍କ ପୀଠରେ ରବିବାର ଶାରଦୀୟ ପାର୍ବଣ ଉତ୍ସବ ଆରମ୍ଭ ହୋଇଛି। ମା ଜାଗୁଳାଇ ପରିଚାଳନା ସମିତି ତିହୁଡା ଆନୁକୁଲ୍ୟରେ ୨୨ ତାରିଖ ଠାରୁ ଆରମ୍ଭ ହୋଇ ଏହି ପୂଜା ଦଶହାରା ପର୍ଯ୍ୟନ୍ତ ଚାଲିବ। ଏହି ଉତ୍ସବରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା, ସତ୍ୟସେବା ମଣ୍ଡଳର ଗୁରୁପୂଜା ସତସଙ୍ଗ, ବାବା ବୈକୁଣ୍ଠନାଥଙ୍କ ନବମ ବାର୍ଷିକ ଉତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ସପ୍ତାହ ବ୍ୟାପି ପାଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଗ୍ରାମବାସୀ ପୂଜା ପରିଚାଳନା କରୁଛନ୍ତି।

### ବିଶ୍ୱକର୍ମା ପୂଜା ଭସାଣି ଆଜି

**ପାରାଦୀପ,୨୨।୯(ସ୍ୱ.ପ୍ର.):** ପାରାଦୀପରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱକର୍ମା ପୂଜା ସୋମବାର ଶେଷ ହେବ। ଏଥିସହିତ ଭସାଣି ମଧ ଅନୁଷ୍ଠିତ ହେବ। ଛୁଟିଦିନ ଥିବାରୁ ରବିବାର ବହୁ ଜନଗହଳି ହୋଇଥିଲା। ବଡ଼ପଡ଼ିଆର କୁମ୍ଭୀର ପାର୍କ ଛକଠାରୁ ସମୁଦ୍ରକୂଳ ପର୍ଯ୍ୟନ୍ତ ନାହିଁ ନ ଥିବା ଭିଡ଼ ଜମିଥିଲା। ୨୪ ତାରିଖ ମଙ୍ଗଳବାର ପଡୁଥିବାରୁ ପୂଜା କମିଟିମାନେ ସୋମବାର ଭସାଣି କରିବେ। ସନ୍ଧ୍ୟାରେ ବହୁ ମଣ୍ଡପ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା। ପୂଜା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଗ ଅନୁକୂଳ ଥିବାରୁ ବ୍ୟବସାୟ ଭଲ ହୋଇଥିଲା। ଚଳିତବର୍ଷ ତୋରଣ ଅଧିକ ଆକର୍ଷଣୀୟ ହୋଇଥିବାରୁ ପ୍ରଶାସନ ପକ୍ଷରୁ ସମସ୍ତ ବଡ଼ ତୋରଣଗୁଡ଼ିକୁ ପୁରସ୍କୃତ କରାଯାଇଛି। ଜଗତ୍‌ସିଂହପୁର ଜିଲା ଟ୍ରକ ମାଲିକ ସଂଘ ଓ ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ଅଧିକ ମାନପତ୍ର ପାଇଛନ୍ତି। ପୂଜାକୁ ଆସିଥିବା କେନ୍ଦ୍ରାପଡ଼ା ଥାନା ଅଧୀନ ଅଙ୍ଗୁଳେଇ ଗ୍ରାମର ଦୁଇବନ୍ଧୁ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଅଭିମନ୍ୟୁ ମହାରଣା(୧୯)। ଅନ୍ୟଜଣେ ଚିକିତ୍ସାଧୀନ ଅଛନ୍ତି।

### ଦୁର୍ଗାପୂଜା ମାଟି ଅନୁକୂଳ

**ନାଉଗାଁ,୨୨।୯(ସ୍ୱ.ପ୍ର.):** ନାଉଗାଁ ବଜାରର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ପୂଜା ନିମନ୍ତେ ରବିବାର ମାଟି ଅନୁକୂଳ କରାଯାଇଛି। ନିକଟସ୍ଥ ଗୋବରୀ ନଦୀରୁ ପାରମ୍ପରିକ ରୀତିନୀତି ଅନୁସାରେ ମାଟି ଅନୁକୂଳ କରାଯାଇଥିଲା। ଏହି ଅବସରରେ ଶଙ୍ଖ, ଘଣ୍ଟାଘଣ୍ଟ ସହିତ ପୂଜା କରାଯାଇଥିଲା।

■ ସମସ୍ୟା ଘେରରେ ବମ୍ପିଲୋ ପ୍ରାଥମିକ ବିଦ୍ୟାଳୟ

# ଗୋଟିଏ ପ୍ରକୋଷ୍ଠରେ ୫ ଶ୍ରେଣୀ

■ ରାସ୍ତା କି କୋଠରି ନାହିଁ
■ ମରାମତି ହେଉନି ଫନୀରେ ଭାଙ୍ଗିଥିବା ଶ୍ରେଣୀଗୃହ

**ବାଲିଆ,୨୨।୯**

ବିରିଡ଼ି ବ୍ଲକ ବାସନ୍ଦରା ପଞ୍ଚାୟତ ବମ୍ପିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ବହୁବିଧ ସମସ୍ୟା ମଧ୍ୟରେ ପରିଚାଳିତ ହେଉଛି। ବିଦ୍ୟାଳୟର ଶ୍ରେଣୀଗୃହଗୁଡିକ ଦୀର୍ଘବର୍ଷ କାଳ ମରାମତି ହୋଇ ନ ଥିବାରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଫନୀ ବାତ୍ୟାରେ ବିଦ୍ୟାଳୟର ୪ ବଖରା ଆଜବେଷ୍ଟସ ଉଡ଼ିଯାଇଥିଲା, ଯାହାକି ଏ ପର୍ଯ୍ୟନ୍ତ ମରାମତି ହୋଇପାରିନାହିଁ। ଫଳରେ ୫ଟି ଶ୍ରେଣୀର ୪୫ ଛାତ୍ରୀଛାତ୍ର ଗୋଟିଏ ପ୍ରକୋଷ୍ଠ ଓ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ସରକାର ଫନୀରେ କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡିକ ମରାମତି କରିବା ପାଇଁ ଗ୍ରାମ ପଞ୍ଚାୟତ ଜରିଆରେ ଅନୁଦାନ ଯୋଗାଇ ଦେବାକୁ ଘୋଷଣା କରିଥିଲେ। କିନ୍ତୁ ବାତ୍ୟାର ୫ ମାସ ପରେ ମଧ ବିଦ୍ୟାଳୟର ଶ୍ରେଣୀଗୃହ ମରାମତି ହୋଇପାରିନାହିଁ। ଏହାକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ଶ୍ରେଣୀ ଗୃହ ଅଭାବରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧା ଉପୁଜୁଛି। ସେହିପରି ଆବଶ୍ୟକ ଶିକ୍ଷକ ନ ଥିବାରୁ ଠିକ୍ ଭାବେ ଶିକ୍ଷାଦାନ ହୋଇପାରୁନି। ଏହାଦ୍ୱାରା ଅଭିଭାବକମାନେ ଏଠାରେ ନିଜ ପିଲାଙ୍କୁ ପଢାଇବାକୁ ଉଚିତ ମନେକରୁନାହାନ୍ତି। ବିଦ୍ୟାଳୟର ୪ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କୁ ଡେପୁଟେସନରେ ପଠାଯାଇଛି। ସେହିପରି ବିଦ୍ୟାଳୟଟି ନଦୀପଠା ପାର୍ଶ୍ୱରେ ଥିବାବେଳେ ଆବଶ୍ୟକ ରାସ୍ତା ନିର୍ମାଣ କରାଯାଇନାହିଁ। ତେଣୁ ପିଲାମାନେ ଯିବା ଆସିବାରେ ଅସୁବିଧା ହେଉଛି। ବାରମ୍ବାର ରାସ୍ତା ନିର୍ମାଣ ପାଇଁ ଦାବି ହେଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସେହିପରି ଶୌଚାଳୟ, ବିଦ୍ୟୁତ୍ ବ୍ୟବସ୍ଥା ଆଦି ନାହିଁ। ବିଦ୍ୟାଳୟର ଭିତ୍ତିଭୂମି ଓ ସମସ୍ୟା ସମ୍ପର୍କରେ ଶିକ୍ଷା ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦାବି କରିଛନ୍ତି। ଗତ ସପ୍ତାହରେ ଏହି ସ୍କୁଲ ରାସ୍ତା ସଫେଇ କାର୍ଯ୍ୟ ପାଇଁ ବାସନ୍ଦରା ପଞ୍ଚାୟତରେ ନାରୀନେତ୍ରୀ ମହେଶ୍ୱତା ଜେନା ଅଣ୍ଟା ଭିଡିଥିଲେ। ତାଙ୍କ ତତ୍ତ୍ୱାବଧାନରେ ସ୍ୱୟଂ ସହାୟିକା ଦଳର ମହିଳାମାନେ ଏହି ରାସ୍ତାରୁ ଗଛଲଟା ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ବିଦ୍ୟାଳୟର ସମସ୍ୟା ପ୍ରତି ପଦକ୍ଷେପ ନେବା ରାସ୍ତା ମରାମତି ପାଇଁ ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।



ଫନୀରେ କ୍ଷତିଗ୍ରସ୍ତ ଶ୍ରେଣୀଗୃହ।



ସିଏନ୍‌ସିବି ପକ୍ଷରୁ ତଟ ସଫେଇରେ ସାମିଲ୍ ହୋଇଥିବା ଛାତ୍ରୀଛାତ୍ର।

## ଶିକ୍ଷାନୁଷ୍ଠାନର ତଟ ସଫେଇ

**ପାରାଦୀପ, ୨୨।୯(ସ୍ୱ.ପ୍ର.)**

କଟକ ଜିଲା ବଡ଼ମ୍ବା ଅଞ୍ଚଳର ଶିକ୍ଷାନୁଷ୍ଠାନ ସିଏନ୍‌ସିବି ପକ୍ଷରୁ ପାରାଦୀପ ବେଳାଭୂମି ସଫେଇ କରାଯାଇଛି। ଶିକ୍ଷାନୁଷ୍ଠାନର ପ୍ରକଳ୍ପ ସଂଯୋଜକ ଶିବ ପ୍ରସାଦ ମହାନ୍ତି ଓ ମୁଖ୍ୟ ସଂଯୋଜକ ପ୍ରଭାକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ପାର୍ବଣ ଋତୁ ଥିବାରୁ ଓ ତଟ ସଫେଇ ଦିବସ ଉପଲକ୍ଷେ ଛାତ୍ରୀଛାତ୍ର ଏହି ସଫେଇ କରିଥିଲେ। ଏଥିସହ ବେଳାଭୂମି ସଂଲଗ୍ନ ଷଣ୍ଢକୁଦ ବସ୍ତିରେ ଲୋକଙ୍କୁ ସଚେତନ କରାଯାଇଥିଲା।




ସଫେଇ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବା ସିଡିପିଓ ଏବଂ ଅଙ୍ଗନୱାଡ଼ି କର୍ମୀ।

## ପଥୁରିଆରେ 'ଆମ ସଫେଇ' କାର୍ଯ୍ୟକ୍ରମ

**କୁଜଙ୍ଗ,୨୨।୯(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ଅଗପାଳ ପଞ୍ଚାୟତର ପଥୁରିଆ ଗ୍ରାମବାସୀ ଓ ଜନପ୍ରତିନିଧିଙ୍କ ଦ୍ୱାରା କୁଜଙ୍ଗ ସିଡିପିଓଙ୍କ ସହଯୋଗରେ 'ଆମ ସଫେଇ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୁଜଙ୍ଗ ସିଡିପିଓ ତନୁପ୍ରଭା ବେଉରା ଝାଡୁ ଧରି ଅଳିଆ ସଫେଇ କରିବା ସହ କାର୍ଯ୍ୟକ୍ରମ ଶୁଭାରମ୍ଭ କରଥିଲେ। ଏହି ଅବସରରେ ଗ୍ରାମକୁ ସଫାସୁତୁରା ରଖିବା ସହ ଏ ବିଷୟରେ ସଭିଏଁ ସଚେତନ ରହିଲେ ଅନେକ ରୋଗରୁ ମୁକ୍ତି ମିଳିବ ବୋଲି ସେ କହିଥିଲେ। କୁନି କୁନି ପିଲାଙ୍କୁ ମଧ୍ୟ ଗୀତ ମାଧ୍ୟମରେ ଏହାର ଉପାଦେୟତା କୁହାଯାଉଥିବା କହିଥିଲେ। କାର୍ଯ୍ୟକ୍ରମରେ ଅଗପାଳ ସରପଞ୍ଚ ମେନକା ବେହେରା, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ବେହେରା, ସୁପରଭାଇଜର ଜୟନ୍ତୀ ବେହେରା, ସନ୍ତୋଷ କୁମାର ସାମନ୍ତରାୟ, ବିପିନ ବିଶ୍ୱାଳ, ରଞ୍ଜନ କୁମାର ବେହେରା, ହରିହର ପଣ୍ଡା, ଦଉହର ସାହୁ, ଇନ୍ଦ୍ରମଣି ସାହୁ, ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ବେହେରା, ପ୍ରଭାକର ଗୋଛାୟତ, ସୁକାନ୍ତ ମୁଦୁଲି, ଶ୍ରୀନିବାସ ସାହୁ ପ୍ରମୁଖ ଯୋଗଦେଇ ପଥୁରିଆ ଓ ବାଘୁଆଠେଙ୍ଗ ଗ୍ରାମର ରାସ୍ତା, ନର୍ଦ୍ଦମା ସଫେଇ କରିଥିଲେ।



ବୈଠକରେ ଉପସ୍ଥିତ ରେଢୁଆ ବିସି କଲେଜର ଅଭିଭାବକ ଓ ଶିକ୍ଷକ।

## ରେଢୁଆ ବିସି କଲେଜ ପ୍ୟାରେଣ୍ଟ, ଟିଚର ମିଟ୍

**ରଘୁନାଥପୁର, ୨୨। ୯ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଅଧ୍ୟାପିକାଅଧ୍ୟାପକଙ୍କୁ ନେଇ ପିଟିଏମ୍ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ୩ୟ ପର୍ଯ୍ୟାୟ ବୈଠକରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ତଥା ସ୍ଥିରୀକୃତ ସର୍ବନିମ୍ନ ମାନକୁ କିଭଳି ସୁବିନିଯୋଗ କରାଯିବ ଏହି ଉଦ୍ଦେଶ୍ୟ ଅଟେ ବୋଲି ପ୍ରକାଶ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ, ସମୟାନୁବର୍ତ୍ତିତା, ଶିକ୍ଷା ଆହରଣ କ୍ଷେତ୍ରରେ ଉଭୟ ଅଭିଭାବକ ଓ ଅଧ୍ୟାପିକା ଅଧ୍ୟାପକମାନଙ୍କ ଯଥେଷ୍ଟ କର୍ତ୍ତବ୍ୟ ରହିଛି ବୋଲି ଅଧ୍ୟକ୍ଷ ପଣ୍ଡା ପରାମର୍ଶ ରଖିଥିଲେ। ଏହାଛଡା ପାରିବାରିକ ବ୍ୟସ୍ତତା ମଧ୍ୟରୁ ମାତାପିତାମାନେ ସମୟ ବାହାର କରି ନିଜର ପିଲାଙ୍କ ଚାଲିଚଳଣି ପ୍ରତି ଅନୁଶୀଳନ କରିବା ସହ, ଶିକ୍ଷାନୁଷ୍ଠାନକୁ ଆସି ନିଜର ପିଲାଙ୍କ ଶିକ୍ଷା ସମ୍ବନ୍ଧୀୟ ଆଭିମୁଖ୍ୟ ପ୍ରତି ଅବଗତ ହେବାକୁ ଅଧ୍ୟକ୍ଷ ପଣ୍ଡା ଅଭିଭାବକଙ୍କଠାରୁ ଆଶାପୋଷଣ କରିଥିଲେ। ଅଧ୍ୟାପିକା ଡ. ବିରଶ କୁମାର ନାୟକ କହିଥିଲେ, କିଶୋର ଅବସ୍ଥାରେ ଛାତ୍ରୀଛାତ୍ରମାନେ ସଂଯମତାକୁ ପ୍ରାଧାନ୍ୟ ଦେଇ ଶିକ୍ଷା ପ୍ରତି ମନନିବେଶ କରିବାକୁ ଆହ୍ୱାନ କରିଥିଲେ। ନିୟମିତ କଲେଜ ଆସିବା ସହ ୭୫ ପ୍ରତିଶତ ଉପସ୍ଥାନ ରହିବା, ଛାତ୍ରୀଛାତ୍ରଙ୍କ ପାଇଁ ବାଧ୍ୟତାମୂଳକ ବୋଲି ଅଭିଭାବକଙ୍କୁ ସୂଚାଇ ଦିଆଯାଇଥିଲା। ଏହି ଅବସରରେ ଅଭିଭାବକଗଣ ନିଜର ଅଭିମତ ରଖିଥିବାବେଳେ ଶିକ୍ଷାର୍ଥୀମାନେ କଲେଜର ଶିକ୍ଷାଦାନ ଓ ଅଧ୍ୟାପିକାଅଧ୍ୟାପକମାନଙ୍କ ଆତ୍ମୀୟତାକୁ ପ୍ରଶଂସା କରିବା ସହ ଅଧ୍ୟକ୍ଷଙ୍କ ଯୋଗୁ ଏହା କେବଳ ସମ୍ଭବ ହୋଇ ପାରିଛି ବୋଲି କହିଥିଲେ। ବୈଠକରେ ସ୍ମିତାରାଣୀ ପ୍ରଧାନ, ସୌମ୍ୟାଶ୍ରୀ ମହାନ୍ତି, ସ୍ୱାଗତିକା ଦାସ, ଶାଶ୍ୱତୀ ନନ୍ଦ, ସୁଜାତା ଦାସ, କେଦାର ମୁଦୁଲି ଓ ସରୋଜକାନ୍ତ ମିଶ୍ର ପ୍ରମୁଖ ଶିକ୍ଷା ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ।

## ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ

**ପାରାଦୀପ,୨୨।୯(ସ୍ୱ.ପ୍ର.)**

ପାରାଦୀପ ପୋର୍ଟ ବଣିକ ସଂଘ ପକ୍ଷରୁ ମା'ଦୁର୍ଗାଙ୍କ ମୂର୍ତ୍ତି ନିମାଣ ନିମନ୍ତେ ରବିବାର ଭୂମିପୂଜନ ଓ ମାଟି ଅନୁକୂଳ କରାଯାଇଛି। ଏନେଇ ସଂଘ ପକ୍ଷରୁ ଏକ କଳସଯାତ୍ରା ସଂଘ କାର୍ଯ୍ୟାଳୟ ପରିସରରୁ ଅଠରବାଙ୍କୀ ଲକ୍‌ପଡ଼ା ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ପୁରୋଧାଭାବେ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଲକ୍‌ପଡ଼ାର ଡ୍ରାଏ ଡକ୍ ପାଖରେ ପୂଜାର୍ଚ୍ଚନା କରାଯାଇ ମାଟି ସଂଗ୍ରହ କରାଯାଇଥିଲା।

## ମାନବିକ ଅଧିକାର ସଙ୍ଗଠନର ବୈଠକ

**ପାରାଦୀପ, ୨୨।୯(ସ୍ୱ.ପ୍ର.)**

ସ୍ଥାନୀୟ ପାନ୍ଥନିବାସଠାରେ ଜାତୀୟ ମାନବିକ ଅଧିକାର ସଙ୍ଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଭିନ୍ନ ହୋତା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲା ଅଧ୍ୟକ୍ଷ ଶର୍ମିଷ୍ଠା ମହାନ୍ତି, ସନ୍ତୋଷ କୁମାର ଭୋଳଙ୍କ ସମେତ ଅନ୍ୟ ପ୍ରତିନିଧିମାନେ ଯୋଗ ଦେଇଥିଷଲ। ସମ୍ବିଧାନର ଧାରା ୨୧ ଅନୁସାରେ ସମସ୍ତଙ୍କ ବଞ୍ଚିବାର ଅଧିକାର ଅଛି। ଶ୍ରମଜୀବୀ ଜନତା ଯେଉଁ ବସ୍ତି ଅଞ୍ଚଳରେ ବାସ କରୁଛନ୍ତି, ସେଠାରେ ସୁସ୍ଥ ପରିବେଶ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ସୁବିଧା ନାହିଁ ବୋଲି ଏଥିରେ ଆଲୋଚନା ହୋଇଥିଲା। ସଙ୍ଗଠନର ସଦସ୍ୟମାନେ ପାରାଦୀପର ବୃନ୍ଦାବନ କଲୋନୀ, ବଙ୍ଗାଳିପଡ଼ା, ସବଷ୍ଟେଶନ ଛକ ପାଖଷର ଥିବା ମୁଣ୍ଡାପଡ଼ା ବସ୍ତିକୁ ଯାଇ ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିଥିଲେ।

## ୟୁରିଆ ସାରର କୃତ୍ରିମ ଅଭାବ, ବ୍ୟାପକ କଳାବଜାର

**ରଘୁନାଥପୁର, ୨୨। ୯ (ଡି.ଏନ.ଏ.)**

**ରଘୁନାଥପୁର ବ୍ଲକ**

ରଘୁନାଥପୁର ବ୍ଲକ ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବ ତଥା ବ୍ୟାପକ କଳାବଜାର ଯୋଗୁ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। କିଛିଦିନ ପୂର୍ବରୁ ୟୁରିଆ ସାର ଅଭାବ ଯୋଗୁ ଚାଷୀ ଧାନ ଫସଲରେ ପ୍ରୟୋଗ ପାଇଁ ଚାତକ ପରି ଚାହିଁ ବସିଥିଲେ। ତେବେ ଦୁଇ ଦିନ ତଳୁ ଅଞ୍ଚଳରେ ଥିବା ଅଧିକୃତ ବିକ୍ରେତାଙ୍କ ପାଖରେ ସାର ପହଞ୍ଚିବା ପରେ ମଧ ଏହାର କୃତ୍ରିମ ଅଭାବ ସମ୍ପର୍କରେ ଚାଷୀମାନଙ୍କ ପକ୍ଷରୁ ଅଭିଯୋଗ ହେଉଛି। ପରବର୍ତ୍ତୀ ସମୟରେ ଗାଁଗହଳିରେ ଥିବା ରିଟେଲରଙ୍କ ପାଖରେ ଏହି ସାର ଉପଲବ୍ଧ ହୋଇ ଚଢା ଦରରେ ବିକ୍ରୟ କରାଯାଉଥିବା ଚାଷୀ ବିପିନ ବିହାରୀ ସ୍ୱାଇଁ ଓ ଅଜୟ ସ୍ୱାଇଁ ପ୍ରମୁଖ ଶନିବାର ଏଏଓ ରାଜଲକ୍ଷ୍ମୀ ସାହୁଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଛାଷୀଙ୍କୁ ବ୍ୟଥିତ କରିଥିବାବେଳେ ଜିଲା କୃଷକ ସଙ୍ଗଠନ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ଏ ସମ୍ପର୍କରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହ ଅଧିକୃତ ବିକ୍ରେତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଡିଏ ରମେଶ ଚନ୍ଦ୍ର ନାୟକଙ୍କୁ ଦାବି ଜଣାଇଛନ୍ତି। ୟୁରିଆ ସାର ୫୦ କିଗ୍ରା ବସ୍ତା ପିଛା ୨୬୬ ଟଙ୍କା ବିକ୍ରୟ ପାଇଁ ଥିବା ବେଳେ ଅଧିକୃତ ବିକ୍ରେତା ଏପରି କି ଲୋକ ଦେଖି ୪ ଶହ ଟଙ୍କା ବସ୍ତା ପିଛା ନେଉଛନ୍ତି। ଅନ୍ୟପକ୍ଷରେ ଅଧିକାଂଶ ଚାଷୀଙ୍କୁ ଫେରାଇ ଦିଆଯାଉଥିବା ସଙ୍ଗଠନର ସମ୍ପାଦକ ଇଂ. ବାବାଜି ଚରଣ ଜେନା ଓ ସଭ୍ୟ ବିନୋଦ ବିହାରୀ ମହାନ୍ତି ଅଭିଯୋଗ କରିଛନ୍ତି। ଖରିଫ ଧାନ ଫସଲରେ ୟୁରିଆ ସାର ପ୍ରୟୋଗ ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ସମୟ। ଏହି ପରିପ୍ରେକ୍ଷୀରେ ଅଧିକୃତ ବିକ୍ରେତାଙ୍କ ଚଞ୍ଚକତାପୂର୍ଣ୍ଣ କାର୍ଯ୍ୟ ତଥା ନୀତି ବିରୋଧୀ ଅଧିକ ଲାଭ ଆଶା ଯୋଗୁ ଚାଷୀକୁଳ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ତେବେ ଚାଷୀମାନେ ସବିଶେଷ ତଥ୍ୟ ଦେଲେ କଳାବଜାର କରୁଥିବା ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଡିଏ ନାୟକ ପ୍ରକାଶ କରିଛନ୍ତି।

## ଅନୁଦାନକୁ ଅପେକ୍ଷା ନ କରି କଲେ କୋଠଘର ଚଟାଣ

**ରଘୁନାଥପୁର, ୨୨। ୯ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ କରଡା ଗ୍ରାମବାସୀ ରବିବାର ନିଜ ଉଦ୍ୟମରେ ନିର୍ମାଣ କରୁଛନ୍ତି ଲକ୍ଷ୍ମୀ ମଣ୍ଡପ କୋଠଘରର ସମ୍ମୁଖ ଚଟାଣ। ଦୀର୍ଘବର୍ଷ ଧରି ଏମ୍‌ପି, ବିଧାୟକ ତଥା ସରପଞ୍ଚଙ୍କୁ ଚଟାଣ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେବାକୁ ନେହୁରା ହୋଇଥିଲେ ବି କେହି ଆମ କଥା ଶୁଣିଲେ ନାହିଁ। ଏହି ପବିତ୍ର ସ୍ଥାନରେ ଗ୍ରାମର ସଭାଠାରୁ ଆରମ୍ଭ କରି ଯାନିଯାତ୍ରା ତଥା ପ୍ରାୟ ପ୍ରତ୍ୟେକ ଦିନ ଯୁବକ ସଂଘର ପିଲାମାନେ ସମବେତ ହୋଇଥାନ୍ତି। ତେବେ ଆଗାମୀ ଲକ୍ଷ୍ମୀପୂଜାକୁ ଆଖି ଆଗରେ ରଖି ଗ୍ରାମବାସୀଙ୍କ ନିଷ୍ପତ୍ତି ତଥା ସହଯୋଗରେ ଚଟାଣ ତିଆରି ହେଉଥିବା ବଟକୃଷ୍ଣ ନାୟକ ଓ ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ ପ୍ରକାଶ କରିଥିଲେ। ଗ୍ରାମର ପିଲାମାନେ ରାଜମିସ୍ତ୍ରିଙ୍କୁ ସହଯୋଗ କରି କାର୍ଯ୍ୟ ଆଗେଇ ନେଉଥିବା ଦେଖାଯାଇଥିଲା। ପବିତ୍ର ନାୟକ, ଅଶୋକ ନାୟକ ଓ ଭାସ୍କର ନାୟକ ପ୍ରମୁଖ ଏହି କାର୍ଯ୍ୟରୁ ପ୍ରେରଣା ପାଇ ଆଗାମୀ ଦିନରେ ଅନେକ ବାକିଥିବା କାମକୁ ସମ୍ପାଦନ କରାଯିବ ବୋଲି ପ୍ରକାଶ କରିଛନ୍ତି।



ଗ୍ରାମବାସୀ କୋଠଘର ଚଟାଣ ନିର୍ମାଣ କରୁଛନ୍ତି।

■ ଜିଲାସ୍ତରୀୟ ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ

# ପିଏମ୍‌ଏୱାଇ ଅର୍ଥରୁ ପୂର୍ବ ଋଣ କାଟ ନାହିଁ

**ଜଗତ୍‌ସିଂହପୁର ଅଫିସ,୨୨।୯**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରି କ୍ରେଡିଟ୍ ଓ ଡେବିଟ୍ ଅନୁପାତ ସାମାନ୍ୟ ବୃଦ୍ଧି ପାଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ସେ କହିଲେ ଯେ, ଏହି ଅନୁପାତ ୩୯% ହୋଇଥିଲେ ସୁଦ୍ଧା ଆହୁରି ବଢାଇବାକୁ ପଡ଼ିବ। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ବିଶେଷ ଦାୟିତ୍ୱବାନ ହେବା ଆବଶ୍ୟକ। ଏଥିସହ ଶିକ୍ଷା, କୃଷି, ସହ ସ୍ୱୟଂସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳା ଓ ଯୁବ ଉଦ୍ୟୋଗୀଙ୍କୁ ତୁରନ୍ତ ଋଣ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ଋଣ ପ୍ରଦାନରେ ବିଳମ୍ବ ନ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ୟୁକୋ ବ୍ୟାଙ୍କ ଜୋନାଲ ମ୍ୟାନେଜର ପି. କେ. ବିଶ୍ୱାସ ଜୁନ ମାସ ସୁଦ୍ଧା ବିଭିନ୍ନ ବ୍ୟାଙ୍କରେ ୭,୪୦୫ କୋଟି ଜମା ଓ ୨,୮୫୫ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। କେବଳ ଋଣ ଦେଇଦେଲେ ହେବ ନାହିଁ, ବ୍ୟାଙ୍କ ଓ ସରକାରୀ ଅଧିକାରୀମାନେ ଋଣ ଗ୍ରହୀତାଙ୍କୁ ଶିକ୍ଷିତ ଓ ସଚେତନ କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ବ୍ୟାଙ୍କଗୁଡିକରେ ଅଧିକାଂଶ ସମୟରେ ପ୍ରିଣ୍ଟର ସମସ୍ୟା ରହୁଛି। ଏଥିପ୍ରତି ବ୍ୟାଙ୍କଗୁଡିକ ଅଧିକ ଧ୍ୟାନ ଦେବାକୁ ପଡିବ ବୋଲି ଜିଲାପାଳ କହିଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ବ୍ୟାଙ୍କ ସଂଯୋଜକ ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅର୍ଥରୁ ଯେପରି ହିତାଧିକାରୀଙ୍କ ପୂର୍ବ ଋଣ କଟା ନ ଯିବ ସେଥିପ୍ରତି ଦାୟିତ୍ୱବାନ ହେବାକୁ ମହାନ୍ତି ପରାମର୍ଶ ଦେଇଥିଲେ। ରିଜର୍ଭ ବ୍ୟାଙ୍କ ଏଲ୍‌ଡିଓ ସୁନିଲ ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଗତ୍‌ସିଂହପୁର ଅଗ୍ରଣୀ ବ୍ୟାଙ୍କ ପରିଚାଳକ ସତିଶ ଚନ୍ଦ୍ର ପାତ୍ର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। କୃଷି ଓ ଉଦ୍ୟାନ କୃଷି, ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଗ୍ରାମାଞ୍ଚଳ ଆତ୍ମ ନିଯୁକ୍ତି ଯୋଜନାରେ ଯୁବତୀ ଓ ଯୁବକଙ୍କୁ କ୍ଷୁଦ୍ର ଋଣ ପ୍ରଦାନ କରିବା ଉପରେ ଆଲୋଚନା ହୋଇଥିଲା। ଦକ୍ଷତା ବିକାଶ, ଅର୍ଥନୈତିକ ସାକ୍ଷରତା ଶିବିର, ବ୍ୟାଙ୍କିଙ୍ଗ୍ ଇଣ୍ଡିକେଟର୍, ଓଡ଼ିଶା ଜୀବିକା ମିଶନ, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ଓଡ଼ିଶା ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଆର୍ଥିକ ବିକାଶ, କୃଷିଭିତ୍ତିକ କାର୍ଯ୍ୟକ୍ରମ, ବୁଣାକାର ଓ କିଷାନ କ୍ରେଡିଟ୍ କାର୍ଡ ସମ୍ପର୍କରେ ମଧ ବିଷଦ୍ ଆଲୋଚନା ହୋଇଥିଲା। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ସୁକାନ୍ତ କୁମାର ମିଶ୍ର, ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି, ଜିଲାର ବିଭିନ୍ନ ବ୍ୟାଙ୍କ ପ୍ରତିନିଧି, ବୀମା କମ୍ପାନୀ କର୍ମକର୍ତ୍ତା, କ୍ଷେତ୍ର ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

